

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

*The Dhwani Pratidhwani*

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୨୩ ମଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 23 May 2026

Vol.No. 36 ■ No.134 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ବିଷୁବ ସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net





# ତୃତୀୟ ଜିଲ୍ଲା ସ୍ତରୀୟ ସନ୍ତରଣ ଚାମ୍ପିଅନସିପ୍ ୨୦୨୬ରେ ଚମକିଲେ ଆର.ଏସ୍.ପି. କର୍ମଚାରୀ



ରାଉରକେଲା, ୨୨/୦୫ (ନି.ପ୍ର): ସେଲ୍ ଅନ୍ତର୍ଗତ ରାଉରକେଲା ଇସ୍ପାତ କାରଖାନାର ରିପେୟାର୍ ସପ୍ ଇଲେକ୍ଟ୍ରିକାଲ୍ ବିଭାଗରେ କାର୍ଯ୍ୟରତ ଜୁନିଅର ଇଞ୍ଜିନିୟରିଂ ଆସୋସିଏଟ୍ ଶ୍ରୀ ରୁଦ୍ର ନାରାୟଣ ସାହୁ ଏକ ଅସାଧାରଣ କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରି ସଂଗଠନ ପାଇଁ ଗୌରବ ଆଣିଦେଇଛନ୍ତି। ସେ ୨୦୨୬ ମେ' ୧୦ ତାରିଖ ଦିନ ରାଉରକେଲାର ବିର୍ସା ମୁଣ୍ଡା ଆଥଲେଟିକ୍ ଷ୍ଟାଡିୟମର ଇନଡୋର ସ୍ୱିମିଂ ପୁଲ୍‌ରେ ଅନୁଷ୍ଠିତ '୩ୟ ଜିଲ୍ଲା ସ୍ତରୀୟ ସନ୍ତରଣ ଚାମ୍ପିଅନସିପ୍ ୨୦୨୬'ରେ ଏହି ସଫଳତା ହାସଲ କରିଛନ୍ତି। ବିଶେଷ ଭାବରେ, ଏହି ପ୍ରତିଯୋଗିତା ଓପନ୍ କାଟେଗୋରୀ (ଉନ୍ମୁକ୍ତ ବର୍ଗ) ରେ ଆୟୋଜିତ ହୋଇଥିଲା ଏବଂ ଶ୍ରୀ ସାହୁ ଜଣେ ପାରା-ଆଥଲେଟ୍ (ଦିବ୍ୟାଙ୍ଗ କ୍ରୀଡ଼ାବିତ୍) ହୋଇଥିଲେ ମଧ୍ୟ ସାଧାରଣ ପ୍ରତିଯୋଗୀମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟ ମଞ୍ଚରେ ନିଜ ସ୍ଥାନ ସୁରକ୍ଷିତ କରିଥିଲେ। ସୁନ୍ଦରଗଡ଼ ଜିଲ୍ଲା ସନ୍ତରଣ ସଂଘ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ଶ୍ରୀ ସାହୁ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ଗୋଟିଏ କାଂସ୍ୟ ପଦକ ସହ ମୋଟ୍ ତିନୋଟି ପଦକ ହାସଲ କରିଛନ୍ତି। ଶ୍ରୀ ସାହୁ ୧୦୦ ମିଟର ଫ୍ରି-ଷ୍ଟାଇଲ୍ ପ୍ରତିଯୋଗିତାରେ ୧.୩୧ ମିନିଟ୍ ସମୟ ନେଇ ସ୍ୱର୍ଣ୍ଣ ପଦକ, ୫୦ ମିଟର ବ୍ୟାକ୍-ଷ୍ଟ୍ରୋକ୍ ପ୍ରତିଯୋଗିତାରେ ୪୮.୦୧ ସେକେଣ୍ଡ ସମୟ ସହ ରୌପ୍ୟ ପଦକ ଏବଂ ୫୦ ମିଟର ଫ୍ରି-ଷ୍ଟାଇଲ୍ ପ୍ରତିଯୋଗିତାରେ ୩୭.୯୪ ସେକେଣ୍ଡ ସମୟ ନେଇ କାଂସ୍ୟ ପଦକ ଜିତିଛନ୍ତି। ତାଙ୍କର ଏହି ଅସାଧାରଣ କୃତିତ୍ୱ କେବଳ ତାଙ୍କର ଦୃଢ଼ ସଂକଳ୍ପ ଓ ନିଷ୍ଠାକୁ ପ୍ରତିପାଦିତ କରୁନାହିଁ, ବରଂ ସାହସ ଏବଂ ମାନସିକ ଦୃଢ଼ତାର ଏକ ଉଜ୍ଜ୍ୱଳ ଉଦାହରଣ ଭାବେ ଉଭା ହୋଇଛି।

## ବିଧାୟକଙ୍କ ପ୍ରତିନିଧି ଭାବେ ସାଧୁ ଦାଶ ଚୌଧୁରୀ ଏବଂ ଶୀତଲ ରଥ ନିଯୁକ୍ତ

ଜୟପୁର, ୨୨/୦୫ (ନି.ପ୍ର): ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ନିଜର ପ୍ରତିନିଧି ଭାବେ ସ୍ୱାସ୍ଥ୍ୟ ବିଭାଗ ପାଇଁ ସାଧୁ ଚରଣ ଦାଶ ଚୌଧୁରୀଙ୍କୁ ଏବଂ କୃଷି ବିଭାଗ ପାଇଁ ଶୀତଲ ରଥଙ୍କୁ ନିଯୁକ୍ତି କରିଛନ୍ତି। ଏଥିନେଇ ବିଧାୟକ ଶ୍ରୀ ବାହିନୀପତି ଜୟପୁର ଜଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧିକ୍ଷକ ତଥା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରିଛନ୍ତି । ବିଧାୟକଙ୍କ ଅନୁପସ୍ଥିତି କିମ୍ବା ତାଙ୍କ ପ୍ରତିନିଧି ଭାବେ ଉଭୟ ଏହି ବିଭାଗର ଗୁରୁତ୍ୱପୂର୍ଣ୍ଣ ବୈଠକ ଏବଂ ଅନ୍ୟାନ୍ୟ କାର୍ଯ୍ୟର ତଦାରଖ କରିବେ । ଉଭୟ ଯୁବ ସଦସ୍ୟ ହୋଇଥିବା ଯୋଗୁଁ ଉଭୟ ବିଭାଗର ଦାୟିତ୍ୱ ସମ୍ପନ୍ନ ଭାବେ ବିଧାୟକଙ୍କ ପ୍ରତିନିଧି ଭାବେ କାର୍ଯ୍ୟ କରିବେ ବୋଲି ବିଧାୟକ ଶ୍ରୀ ବାହିନୀପତି ଆଶା ପ୍ରକାଶ କରିଛନ୍ତି ।

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଶିଳାନ୍ୟାସ ଏବଂ ଲୋକାର୍ପିତ

ଝାରସୁଗୁଡା, ୨୨/୦୫ (ନି.ପ୍ର): ବ୍ରଜରାଜନଗର ପୌରପରିଷଦ ଅଂଚଳର ବ୍ୟାପକ ବିକାଶ ପାଇଁ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ କରକମଳରେ ବ୍ରଜରାଜନଗର ଠାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଭିତିପ୍ରସ୍ତର ସ୍ଥାପନ ଏବଂ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ବ୍ରଜରାଜନଗର ଠାରେ ବହୁ ପ୍ରତୀକ୍ଷିତ ଅତ୍ୟାଧୁନିକ 'ଅଟଳ ବସ୍ ଷ୍ଟାଣ୍ଡ' ର ଶିଳାନ୍ୟାସ କରିଥିଲେ। ଓଡ଼ିଶା ରାଜ୍ୟ ସଡକ ପରିବହନ ନିଗମର ୨୦୨୩-୨୪ ଯୋଜନା ଅନୁସାରେ ଅନୁମୋଦିତ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଓଡ଼ିଶା ପୋଲିସ ହାଉସିଂ ଆଣ୍ଡ ୱେଲଫେୟାର କର୍ପୋରେସନ ଦ୍ୱାରା କରାଯିବ। ଏହାର ମୋଟ ନିର୍ମାଣ ବ୍ୟୟ ୩୨.୭୮ କୋଟି ଟଙ୍କା ଧାର୍ଯ୍ୟ ହୋଇଥିବା ବେଳେ ୨୦୨୭ ଅଗଷ୍ଟ ସୁଦ୍ଧା କାମ ସମାପ୍ତ କରିବାକୁ ଲକ୍ଷ୍ୟ ରହିଛି। ଏହି କାର୍ଯ୍ୟକ୍ରମରେ ବ୍ରଜରାଜନଗରର ପ୍ରଗତିକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ମୋଟ ୨୩.୪୮ କୋଟି ଟଙ୍କା ବିନିମୟରେ ୮୨ ଗୋଟି ନୂତନ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରାଯିବା ସହ ୨.୭୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ୧୨ ଗୋଟି ପ୍ରକଳ୍ପର ଲୋକାର୍ପଣ କରାଯାଇ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯାଇଛି।

ଏହି ଅବସରରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ନାୟକ, ଭାରପ୍ରାପ୍ତ ନଗରପାଳ କ୍ରିଷ୍ଣା ଗୋପାଲ ସିତାନୀ, ବ୍ରଜରାଜନଗର ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ଏସଡିପିଓ ଚିନ୍ତାମଣି ପ୍ରଧାନ, ହାଉସିଙ୍ଗ ବୋର୍ଡର ଡେପୁଟି ମ୍ୟାନେଜର ସନ୍ତୋଷ କୁମାର ଦଳେଇ, ଝାରସୁଗୁଡ଼ା ଜିଲ୍ଲା ଆଂଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର, ଓଏସଆରଟିସିର ଜିଲ୍ଲା ମ୍ୟାନେଜର ଚିନ୍ତା ପାଲଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ନିଜ ଅଭିଭାଷଣରେ କହିଥିଲେ ଯେ, ପ୍ରସ୍ତାବିତ ବସ୍ ଷ୍ଟାଣ୍ଡଟି ସ୍ଥାନୀୟ ଅଂଚଳର ଭିତିଭୂମି ବିକାଶ କ୍ଷେତ୍ରରେ ଏକ ପ୍ରମୁଖ ମାଇଲଖୁଂଟ ସାବ୍ୟସ୍ତ ହେବ। ପ୍ରାୟ ୩.୩୦ ଏକର ଜମିରେ ନିର୍ମିତ ହେବାକୁ ଥିବା ଏହି ଆଧୁନିକ ବସ୍ ଷ୍ଟାଣ୍ଡର ମୋଟ ନିର୍ମିତ କ୍ଷେତ୍ରଫଳ ୯୨୧୯.୩୨ ବର୍ଗ ମିଟର ରହିବ। ଏଠାରେ ଯାତ୍ରୀ ଏବଂ ଚାଳକମାନଙ୍କ ସୁବିଧା ନିମନ୍ତେ ସୁବିସ୍ତୃତ ପାର୍କିଂ, ଇଭି ଚାର୍ଜିଂ ଶେଡ୍, ଲିଫ୍ଟ, ସିସିଟିଭି ସୁରକ୍ଷା, ଡର୍ମିଟୋରୀ (ବିଶ୍ରାମ ଗୃହ) ଓ ଫୁଡ୍ କୋର୍ଟ ସମେତ ୧୯ଟି ବିଶ୍ୱସ୍ତରୀୟ ମୌଳିକ ସୁବିଧା ସୁଯୋଗ ଉପଲବ୍ଧ କରାଯିବ। ଏଥିସହିତ ବ୍ରଜରାଜନଗରର ସର୍ବାଙ୍ଗୀନ ବିକାଶ ଆମ ସରକାରଙ୍କର ମୁଖ୍ୟ ସଂକଳ୍ପ। ଆଜି ଯେଉଁ ସବୁ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ ହୋଇଛି, ତାହା କେବଳ ସହରର ଭିତିଭୂମିକୁ ସୁଦୃଢ଼ କରିବ ନାହିଁ, ବରଂ ଏହା ମାଧ୍ୟମରେ ଆମେ ଆମର ସ୍ଥାନୀୟ ଯୁବକମାନଙ୍କ ପାଇଁ ବ୍ୟାପକ ରୋଜଗାରର ସୁଯୋଗ ସୃଷ୍ଟି କରିବାକୁ ଯାଉଛୁ। ନୂତନ ସପିଙ୍ଗ କମ୍ପ୍ଲେକ୍ସ ଏବଂ ଆଧୁନିକ ବଜାର ଭଳି ପ୍ରକଳ୍ପଗୁଡ଼ିକ ସ୍ଥାନୀୟ ଅର୍ଥନୀତିକୁ ଗତିଶୀଳ କରିବ ଏବଂ ଯୁବପିଢ଼ିଙ୍କୁ ଆତ୍ମନିର୍ଭରଶୀଳ ହେବାରେ ସାହାଯ୍ୟ କରିବ। ଏହା ସହିତ, ଦିନରାତି ଜାତୀୟ ରାଜପଥରେ ଯାତାୟାତ କରୁଥିବା ଆମ ଗାଡ଼ି ଚାଳକ ଭାଇମାନଙ୍କ ସୁରକ୍ଷା ଓ ବିଶ୍ରାମ ପାଇଁ ଜାତୀୟ ରାଜପଥ କଡ଼ରେ ଏକ ଅତ୍ୟାଧୁନିକ ଆଶ୍ରୟସ୍ଥଳୀ ନିର୍ମାଣ କରାଯିବ।

# ଗ୍ରାମୀଣ ଅର୍ଥନୀତିର ସୁଦୃଢ଼ୀକରଣ ଉପରେ ପ୍ରଶାସନିକ ଗୁରୁତ୍ୱ

ମାଲକାନଗିରି, ୨୨/୦୫ (ନି.ପ୍ର): ମାଲକାନଗିରି ଜିଲ୍ଲାର ତୃଣମୂଳ ସ୍ତରର ସରକାରୀ ଯୋଜନାଗୁଡ଼ିକର ସଠିକ୍ କାର୍ଯ୍ୟକାରିତା ଏବଂ ଗ୍ରାମୀଣ ଚାଷୀଙ୍କ ସାମାଜିକ ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ କୋରୁକୋଣ୍ଡା ବ୍ଲକ ଗସ୍ତ କରିଛନ୍ତି। ପ୍ରଶାସନିକ ସ୍ୱଚ୍ଛତା ଓ କ୍ଷେତ୍ରସ୍ତରୀୟ ଅନୁଧ୍ୟାନ କ୍ରମରେ, ଜିଲ୍ଲାପାଳ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଅଧୀନରେ ଚାଲିଥିବା ବିଭିନ୍ନ ସରକାରୀ ହିତାଧିକାରୀଭିତିକ ବିକାଶମୂଳକ ପ୍ରକଳ୍ପର ଅଗ୍ରଗତି ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ଗ୍ରାମାଚଂଳରେ ଆତ୍ମ-ନିଯୁକ୍ତି ସୃଷ୍ଟି ଓ ଦୁଗ୍ଧ, ମାଂସ ଏବଂ ଅଣ୍ଡା ଉତ୍ପାଦନ କ୍ଷେତ୍ରରେ ଜିଲ୍ଲାକୁ ସ୍ୱାବଲମ୍ବୀ କରିବା ପ୍ରଶାସନର ମୁଖ୍ୟ ପ୍ରାଥମିକତା ବୋଲି ଏହି ଗସ୍ତ ସମୟରେ ପ୍ରକାଶ ପାଇଛି। ପରିଦର୍ଶନ ସମୟରେ ପ୍ରଶାସନିକ ଅଧିକାରୀମାନଙ୍କ ଉପସ୍ଥିତିରେ ଜିଲ୍ଲାପାଳ କୋରୁକୋଣ୍ଡା ଓ ଏହାର ଆଖପାଖ ଅଂଚଳରେ କାର୍ଯ୍ୟକାରୀ ହେଉଥିବା ବହୁମୁଖୀ ପ୍ରାଣୀସମ୍ପଦ ଯୋଜନାଗୁଡ଼ିକର ଭୌତିକ ସ୍ଥିତି ଯାଂଚ୍ କରିଥିଲେ। ସେ କୋରୁକୋଣ୍ଡା ଠାରେ ଚାଲିଥିବା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ ଥିବା ଗୋଟେରୀ ଅର୍ଥାତ୍ ଛେଳି ପାଳନ ୟୁନିଟ୍ ପରିଦର୍ଶନ କରି ଛେଳିଙ୍କ ସ୍ୱାସ୍ଥ୍ୟ ରକ୍ଷା, ଟୀକାକରଣ ଓ ଏହାର ବାଣିଜ୍ୟିକ ପରିଚାଳନା ନେଇ ବୈଷୟିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଏହା ସହିତ ସ୍ଥାନୀୟ ବଜାରରେ ମାଂସ ଓ ଅଣ୍ଡା ଚାହିଦା ପୂରଣ କରିବା ସହ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇଁ କାର୍ଯ୍ୟ କରୁଥିବା ବ୍ରଏଲର ଫାର୍ମିଂ ଏବଂ ହାଚେରୀ ୟୁନିଟ୍ ର କ୍ଷମତା ଏବଂ ଆଧୁନିକୀକରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଗୋ-ପାଳନକୁ ଅଧିକ ଲାଭଜନକ କରିବା ପାଇଁ ଗୋ-ଖାଦ୍ୟ ଓ ସବୁଜ ଘାସର ଉପଲବ୍ଧତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ, ପ୍ରଶାସନ ପକ୍ଷରୁ ପ୍ରୋତ୍ସାହିତ କରାଯାଉଥିବା ଫୋଡର୍ ଆଂତ୍ରପ୍ରିନର୍ ବା ଗୋ-ଖାଦ୍ୟ ଉଦ୍ୟୋଗୀ ପ୍ରକଳ୍ପର ଭିତିଭୂମି ମଧ୍ୟ ସେ ଅନୁଧ୍ୟାନ କରିଥିଲେ। ଏହି ଗସ୍ତ କ୍ରମରେ ଜିଲ୍ଲାପାଳ ଏମଭି-୧୦୯ ଗ୍ରାମକୁ ଯାଇ ସେଠାରେ ଥିବା ବୃହତ ଏମକେୟୁୱାଇ ଗୋ-ପାଳନ ୟୁନିଟ୍ ବୁଲି ଦେଖିଥିଲେ ଏବଂ ଦୁଗ୍ଧ ଉତ୍ପାଦନ ବୃଦ୍ଧି ସହ ଏହାର ସଠିକ୍ ସଂଗ୍ରହ ଓ ବଜାର ସଂଯୋଗୀକରଣ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ସରକାରଙ୍କ ସ୍ୱଚ୍ଛ ଶାସନ ଓ ଲୋକାଭିମୁଖୀ ନୀତିକୁ ପାଳନ କରି ଜିଲ୍ଲାପାଳ ସେଠାରେ ଉପସ୍ଥିତ ସମସ୍ତ ହିତାଧିକାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ପ୍ରଗତିଶୀଳ ଚାଷୀମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ହିତାଧିକାରୀମାନେ ସରକାରୀ ସହାୟତା ପାଇବାରେ କୌଣସି ଅସୁବିଧାର ସମ୍ମୁଖୀନ ହେଉଛନ୍ତି କି ନାହିଁ, ସେ ନେଇ ଜିଲ୍ଲାପାଳ ବ୍ୟକ୍ତିଗତ ଭାବେ ପଚାରି ବୁଝିଥିଲେ। ଏଥିସହ ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନ ମାଧ୍ୟମରେ କିଭଳି ଅଞ୍ଚଳର ଅନ୍ୟ ଯୁବକମାନେ ଅନୁପ୍ରାଣିତ ହୋଇପାରିବେ, ସେଥିପାଇଁ ସେ ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ। ସମୀକ୍ଷା ଶେଷରେ ଜିଲ୍ଲାପାଳ ଉପସ୍ଥିତ ଥିବା ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର ଅଧିକାରୀମାନଙ୍କୁ କଡ଼ା ପ୍ରଶାସନିକ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ, ସମସ୍ତ ଚାଲୁ ରହିଥିବା ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ହେବ ଏବଂ ପ୍ରାଣୀ ଚିକିତ୍ସକ ତଥା ବିଭାଗୀୟ କ୍ଷେତ୍ର କର୍ମଚାରୀମାନେ ନିୟମିତ ଭାବେ ହିତାଧିକାରୀଙ୍କ ଫାର୍ମ ପରିଦର୍ଶନ କରି ଚିକିତ୍ସା ସେବା ଯୋଗାଇଦେବେ। ସରକାରୀ ଯୋଜନାର ସବସିଡି ଓ ଅନ୍ୟାନ୍ୟ ଆର୍ଥିକ ପ୍ରୋତ୍ସାହନ ଯେପରି ହିତାଧିକାରୀଙ୍କ ପାଖରେ ବିନା ବିଳମ୍ବରେ ପହଂଚିବ, ତାହା ନିଶ୍ଚିତ କରିବାକୁ ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି।

# ଫାମ୍ପୁଣୀରେ ରେଳ ଲାଇନ ଜମିହରାଙ୍କ ବୈଠକ: ଜମିହରାଙ୍କ ଆନ୍ଦୋଳନ ତୀବ୍ର କରିବାକୁ ଚେତାବନୀ

ଜୟପୁର, ୨୨/୦୫ (ନି.ପ୍ର): ପ୍ରସ୍ତାବିତ ଜୟପୁର ନବରଙ୍ଗପୁର ଓ ଜୟପୁର ମାଲକାନଗିରି ରେଳ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣରେ ଅତ୍ୟନ୍ତ କମ କ୍ଷତି ପୂରଣ ନିର୍ଦ୍ଧାରଣକୁ ନେଇ ଜମିହରାଙ୍କ ଅସନ୍ତୋଷ ବଢୁଥିବା ବେଳେ ଆଜି ଫାମ୍ପୁଣୀ ଠାକୁରାଣୀ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅସନ୍ତୋଷକୁ ନେଇ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପତ୍ର ଲେଖି ହସ୍ତକ୍ଷେପ କରିବାକୁ ଦାବି କରାଯାଇଥିଲା। ଦୁଇ ଫସଲ ଜଳସେଚିତ ଉର୍ବର ଜମିର ଏକର ପିଛା ମାତ୍ର ଦୁଇ ଲକ୍ଷରୁ ୩ଲକ୍ଷ ଟଙ୍କା କ୍ଷତିପୂରଣ ଧାର୍ଯ୍ୟ କରାଯାଇଛି। ଯାହା ବଜାର ମୂଲ୍ୟ ତୁଳନାରେ ବହୁତ କମ। ଏହି ଜମି ଉପରେ ଶତାଧିକ ଚାଷୀ ପରିବାର ନିର୍ଭର କରୁଥିବା ବେଳେ ପ୍ରତି ଏକରରୁ ବାର୍ଷିକ ପ୍ରାୟ ଦୁଇ ଲକ୍ଷ ଟଙ୍କା ଆୟ କରୁଛନ୍ତି। ଜମି ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟାରେ ଗୁରୁତର ଅବହେଳା ହୋଇଥିବା ସହ ପ୍ରଭାବିତ ଗ୍ରାମବାସୀଙ୍କ ସହ ସ୍ୱଚ୍ଛ ଜନ ଶୁଣାଣି କରାଯାଇ ନଥିବାରୁ ଅସନ୍ତୋଷ ବଢିଛି ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ଜମିହରାମାନେ ଦାବି କରିଛନ୍ତି ଯେ ଜଳସେଚିତ ଉର୍ବର ଜମି ପାଇଁ ଏକର ପିଛା କମସେକମ ଏକ କୋଟି ଟଙ୍କା କ୍ଷତିପୁରଣ ନିର୍ଦ୍ଧାରଣ କରାଯାଉ। ନଚେତ ମାଲକାନଗିରି ଠାରୁ ନବରଙ୍ଗପୁର ପର୍ଯ୍ୟନ୍ତ ଯେଉଁ ଜିଲ୍ଲାରେ ଜମିହରାଙ୍କୁ ଅଧିକ ମୂଲ୍ୟ ପ୍ରଦାନ କରାଯାଇଛି ସେହି ଦରଧାର୍ଯ୍ୟ କରାଯାଉ ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ଏହା ସହ ଜିଲ୍ଲା ସ୍ତରୀୟ ବିବାଦ ସମାଧାନ କମିଟି ଗଠନ,ଏକ କଲ୍ୟାଣ ପାଣ୍ଠି ଗଠନ କରିବାକୁ ବୈଠକରେ ଉପସ୍ଥିତ ଥିବା ଜମିହରା ମାନେ ପ୍ରସ୍ତାବ ଦେଇଥିଲେ। ବିସ୍ଥାପିତ ପରିବାରଙ୍କ ଯଥାଯୋଗ୍ୟ ପୁନର୍ବାସ ଓ ପ୍ରତ୍ୟେକ ପ୍ରଭାବିତ ପରିବାରର ଜଣେ ସଦସ୍ୟଙ୍କୁ ରେଳ ବିଭାଗରେ ନିଯୁକ୍ତି ଦିଆଯାଉ ବୋଲି ଦାବି କରାଯାଇଥିଲା। ଜମି ମୂଲ୍ୟ ବୃଦ୍ଧି କ୍ଷତିପୁରଣ ସମସ୍ୟାର ଶୀଘ୍ର ସମାଧାନ ପାଇଁ ପ୍ରଶାସନକୁ ଦାବି କରାଯାଇଥିଲା। ଦାବି ପୁରଣ ନହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ ଆହୁରି ତୀବ୍ର କରିବେ ବୋଲି ଜମିହରା ମାନେ ଚେତାବନୀ ଦେଇଛନ୍ତି। ପ୍ରକଳ୍ପ ପାଇଁ ଜମି ଦେବାକୁ ଚାଷୀ ମାନେ ପ୍ରସ୍ତୁତ ଥିଲେ ମଧ୍ୟ ଉପଯୁକ୍ତ କ୍ଷତିପୁରଣ ଓ ପୁନର୍ବାସ ନିଶ୍ଚିତ କରିବାକୁ ସେମାନେ ଦାବି କରୁଛନ୍ତି। ଏହି ପ୍ରସଙ୍ଗକୁ ନେଇ ଜିଲ୍ଲା ପ୍ରଶାସନ ଓ ରେଳବିଭାଗ ଶୀଘ୍ର ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଆଶା କରୁଛନ୍ତି। ଆଜିର ଏହି ବୈଠକରେ ଅକ୍ଷୟ ମିଶ୍ର, ରମେଶ ସାହୁ, ସଦାଶିବ ତ୍ରିପାଠି, ମୁରଲୀଧର ସାହୁ, ପଦ୍ମନ ପାତ୍ର, ଏ.ଆପ୍ପାରାଓ, ହରେକୃଷ୍ଣ ଜାନୀ ପଦ୍ମନ ମାଳି, ବିଜୟ କୁମାର ପାତ୍ର, କାହ୍ନୁ ମହାପାତ୍ର, ଗୌରୀ ଶଙ୍କର ପଟ୍ଟନାୟକ, ଲକ୍ଷ୍ମଣ ପାଣିଗ୍ରାହୀ, ଚନ୍ଦନ କୁମାର ପାଢିଙ୍କ ସମେତ ଜୟପୁର, ବୈପାରିଗୁଡା,କୁନ୍ଦୁରା, ବୋରିଗୁମ୍ମା, ବ୍ଲକର ରେଳ ପ୍ରକଳ୍ପ ପ୍ରଭାବିତ ଜମିହରା ମାନେ ଉପସ୍ଥିତ ଥିଲେ।

# ୱାର୍ଲଡ ୱାରସିପ ଫାଉଣ୍ଡେସନ ଟ୍ରଷ୍ଟ ଉଦ୍‌ଘାଟିତ

ସମ୍ବଲପୁର, ୨୨/୦୫ (ନି.ପ୍ର): ନବଗଠିତ ୱାର୍ଲଡ ୱାରସିପ ଫାଉଣ୍ଡେସନ ଟ୍ରଷ୍ଟ ଆଜି ମହାସମାରୋହରେ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ହୋଟେଲ ହରଜିତ ରେସିଡେନ୍ସିରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଟ୍ରଷ୍ଟର ସଭାପତି ଦୃଢୋକ୍ତିର ସହ ପ୍ରକାଶ କରିଛନ୍ତି ସମାଜର ପ୍ରତ୍ୟେକ ସମସ୍ୟା ସମାଧାନ କରିବାରେ ସର୍ବଦା ଟ୍ରଷ୍ଟ ପ୍ରତିଶ୍ରୁତିବଦ୍ଧ । ପ୍ରାରମ୍ଭିକ ପୂଜାର୍ଚ୍ଚନା କରାଯିବା ପରେ ଉପସ୍ଥିତ ଅତିଥି, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ପ୍ରସାଦ ବିତରଣ କରାଯାଇଥିଲା । ଆହୂତ ସାମ୍ବାଦିକ ସମ୍ମିଳନୀରେ ବହୁ ସଂଖ୍ୟକ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ସହରର ବହୁ ବରିଷ୍ଠ ବୁଦ୍ଧିଜୀବୀ ମାନଙ୍କ ସମାବେଶରେ ଟ୍ରଷ୍ଟର ସାମାଜିକ କଲ୍ୟାଣ ଓ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ଉଦ୍ଦେଶ୍ୟ ଅବଗତ କରାଯାଇଥିଲା । ଏହି ଅବସରରେ ଟ୍ରଷ୍ଟର ଅଧକ୍ଷ ବ୍ରଜମୋହନ ଗୋଏଲ, ଉପଦେଷ୍ଟା ଭକ୍ତ ପ୍ରସାଦ ନନ୍ଦ, ସମ୍ପାଦକ ମଧୁ ସୂଦନ ଚଇନି ଓ କୋଷାଧକ୍ଷ ବିମଳା ଦେବୀ ଗୋଏଲ ପ୍ରମୁଖ ମଂଚାସୀନ ରହି ବିଭିନ୍ନ ସୂଚନା ଦେଇଥିଲେ । ଟ୍ରଷ୍ଟ ପକ୍ଷରୁ କୁହାଯାଇଛି ଯେ, "ସମସ୍ତ ସୃଷ୍ଟି ଭଗବାନଙ୍କର ଅଂଶ" ଏହି ଚିନ୍ତାଧାରାକୁ ଆଧାର କରି, ଏହି ଫାଉଣ୍ଡେସନ୍ ଶାନ୍ତି, ସମୃଦ୍ଧି ଓ ସମଗ୍ର ମାନବ କଲ୍ୟାଣ ପାଇଁ ଦାର୍ଶନିକ ସାହିତ୍ୟ ଓ ସାମାଜିକ ସେବା କାର୍ଯ୍ୟକ୍ରମ ମାଧ୍ୟମରେ କାର୍ଯ୍ୟ କରିବାକୁ ସମର୍ପିତ । ସଂସ୍ଥାର ଲକ୍ଷ୍ୟ ହେଉଛି ଗଛ ଲଗାଇବା ଓ ଆବଶ୍ୟକତା ଅନୁଯାଇ ହ୍ୟାଣ୍ଡପମ୍ପ ଭଳି ପାଣି ସୁବିଧା ଯୋଗାଇ ମାନବ ସେବା କରିବା । ସଂସ୍ଥାର ଆଭିମୁଖ୍ୟ ବିଷୟରେ ବାର୍ତା ଦେଇ ଅଧକ୍ଷ ଶ୍ରୀ ଗୋଏଲ କହିଲେ ଯେ, ଏହି ଟ୍ରଷ୍ଟର ପ୍ରୟାସ ରହିବଯେ, ପରିବେଶ ପ୍ରଦୂଷଣ କମାଇ ସବୁଜ ପରିବେଶ ସୃଷ୍ଟି କରିବା ସହିତ ଉତମ ଅକ୍ସିଜେନ୍ ଗୁଣବତା ଓ ସୁସ୍ଥ ସମାଜ ଗଠନରେ ସହାୟକ ହେବ । ଉପଦେଷ୍ଟା ଶ୍ରୀ ନନ୍ଦ କହିଲେ ଯେ, ବିଶେଷ ଭାବରେ ଶିକ୍ଷା, ପରିବେଶ ସୁରକ୍ଷା ଓ ପାନୀୟ ଜଳର ସମସ୍ୟା ର ସମାଧାନ ଦିଗରେ ନିଷ୍ଠା ର ସହ ଏହି ଟ୍ରଷ୍ଟ କାର୍ଯ୍ୟକ୍ରମ ଜାରି ରଖିବ । ଟ୍ରଷ୍ଟର କୋଷାଧକ୍ଷ ବିମଳା ଦେବୀ ସୂଚନା ଦେଇ କହିଲେ ଯେ, ସମାଜ ରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବା ସହ ଯୁବପିଢିଙ୍କୁ ସଂସ୍କାରିତ କରିବା ମଧ୍ୟ ଏହି ଟ୍ରଷ୍ଟ ର ବିଶେଷ ଆଭିମୁଖ୍ୟ । ଶେଷରେ ସମ୍ପାଦକ ଶ୍ରୀ ଚଇନି ଧନ୍ୟବାଦ ଅର୍ପଣ କରିବା ସହ ସମାଜ ର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରିବାକୁ ଏହି ୱାର୍ଲଡ ୱାରସିପ ଫାଉଣ୍ଡେସନ ଟ୍ରଷ୍ଟ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ ।

# କାଠଯୋଡ଼ି ନଦୀ ପଠାରୁ ମହିଳାଙ୍କ ମୃତଦେହ ଉଦ୍ଧାର

କଟକ, ୨୨/୦୫ (ନି.ପ୍ର): କଟକ ବ୍ରାହ୍ମଣି ଗାଁ ନିକଟ କାଠଯୋଡ଼ି ନଦୀ ପଠାରୁ ମହିଳାଙ୍କ ଅଧା ପୋତା ମୃତଦେହ ଉଦ୍ଧାର ହୋଇଛି। ମହିଳାଙ୍କୁ ମାରି ପୋତି ଦେଇଥିବା ସନ୍ଦେହ କରାଯାଉଛି। ଆଜି ସକାଳେ ସ୍ଥାନୀୟ ଲୋକେ ଏ ସମ୍ପର୍କରେ ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ । ସାଇଂଟିଫିକ୍ ଟିମ୍, ଡଗ୍ ସ୍କ୍ୱାଡ୍ ସହିତ ବାରଙ୍ଗ ପୋଲିସ ଘଟଣାସ୍ଥଳରେ ପହଂଚି ଛାନଭିନ୍ ଆରମ୍ଭ କରିଛି । ମୃତ ମହିଳାଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ମେଡିକାଲକୁ ପଠାଇଛି । ମୃତଦେହ ବାଲିରେ ଅଧା ପୋତା ହୋଇ ରହିଛି । ମୃତ ମହିଳା ଜଣକ ଗୋଲାପି ରଙ୍ଗର ବସ୍ତ୍ର ପିନ୍ଧିଥିବା ଜଣାପଡିଛି। ତେବେ ମୃତ ମହିଳା କିଏ, ଏଠାକୁ କେମିତି ଆସିଲେ ସେନେଇ ତଦନ୍ତ କରୁଛି ପୋଲିସ । ବିଭିନ୍ନ ଦିଗକୁ ଅନୁଧ୍ୟାନ କରି ତଦନ୍ତ କରୁଛି ପୋଲିସ। ପାରିପାର୍ଶ୍ୱିକ ସ୍ଥିତିରୁ ହତ୍ୟା ପରେ କେହି ଦୁର୍ବୃତ ତାଙ୍କ ମୃତଦେହକୁ ଏଠାରେ ପୋତି ଦେଇ ଚାଲି ଯାଇଥିବା ସନ୍ଦେହ କରାଯାଉଛି । ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କିପରି ଓ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହୋଇଛି ତାହା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି ।

# ଦରଦାମ୍ ବୃଦ୍ଧି ଓ ନିଟ୍ ପରୀକ୍ଷା ଘୋଟାଲା ବିରୁଦ୍ଧରେ ସିପିଆଇ ଓ ଏଆଇଏସଏଫ୍ ପକ୍ଷରୁ ବିକ୍ଷୋଭ

ଜୟପୁର, ୨୨/୦୫ (ନି.ପ୍ର): ଜୟପୁର ମୁଖ୍ୟ ଟ୍ରାଫିକ ଛକ ଠାରେ ଦରଦାମ୍ ବୃଦ୍ଧି ଓ ନିଟ୍ ପରୀକ୍ଷା ଘୋଟାଲା ବିରୁଦ୍ଧରେ ସିପିଆଇ ଓ ଏଆଇଏସଏଫ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦେଶରେ ମୋଦି ସରକାର ର ଅପରିଣାମଦର୍ଶୀ ନିତୀ ଯୋଗୁଁ ପେଟ୍ରୋଲ ଡିଜେଲ ରନ୍ଧନ ଗ୍ୟାସ କ୍ଷୀର ଆଦି ସକଳ ପଦାର୍ଥ ର ଦର ବୃଦ୍ଧି ଘଟୁଛି।ଦେଶକୁ ଆମେରିକାର ଗୋଲାମ କରି ସାରିଲାଣି ମୋଦୀ ସରକାର । ଟ୍ରମ୍ପ ଭାରତୀୟ ମାନଙ୍କୁ ହେଲ୍ ହୋଲ୍ ବା ନର୍କର ଲୋକ ବୋଲି କହିବା ବେଳେ ମଧ୍ୟ ମୋଦୀ ସରକାର ନୀରବ ଅଥଚ ଟ୍ରମ୍ପ ଉପରେ ସୁଟିଂ ର ନାଟକରେ ମୋଦୀ ଟ୍ରମ୍ପ ପାଇଁ ସମବେଦନା ପ୍ରକାଶ ଆଶ୍ଚର୍ଯ୍ୟ କରିଛି। ଭାରତୀୟ ମାନଙ୍କୁ ହାତ ଗୋଡରେ ଶିକୁଳି ରେ ବାନ୍ଧି ବିଦା କରିବାଠୁ ନେଇ ଏଯାବତ୍ ଯାହା ଘଟି ଚାଲିଛି ମନେ ହେଉଛି ମୋଦୀ -ଶାହା ସରକାର ଟ୍ରମ୍ପ ପାଖରେ ମୁଣ୍ଡ ବିକି ଦେଇଛନ୍ତି। ଋଷିଆରୁ କଂଚା ତୈଳ ଆଣିବା ପାଇଁ ଟ୍ରମ୍ପକୁ ଗୁହାରି କରୁଛି । ଏପଟେ ନିର୍ବାଚନ ପର୍ଯ୍ୟନ୍ତ ପେଟ୍ରୋଲ ଡିଜେଲର କୌଣସି ଅଭାବ ନାହିଁ କହି କହି ଭୋଟରଙ୍କୁ ଠକିଲେ ଏବେ କହୁଛନ୍ତି ସବୁ ଅଛି। କିନ୍ତୁ ଲୋକମାନେ ପେଟ୍ରୋଲ ଡିଜେଲ ପମ୍ପ ରେ ରାତି ରାତି ଲମ୍ବା ଲାଇନ୍ ରେ ଜଗୁଛନ୍ତି । ଓଡ଼ିଶା ରେ ମହିଳା ମାନଙ୍କ ଉପରେ ଅତ୍ୟାଚାର ବଢ଼ିଚାଲିଛି । ଆଇନ୍ ଶୃଙ୍ଖଳା ପରିସ୍ଥିତି ଏପରି ବିପର୍ଯ୍ୟସ୍ତ ହୋଇପଡ଼ିଛି ଯେ ଦିନ ଦ୍ୱିପହରେ ଗୁଣ୍ଡା ମାନେ ମର୍ଡର କରୁଛନ୍ତି। ସେହିପରି ନିଟ୍ ୟୁଜି ପରୀକ୍ଷା ପାଇଁ ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରତିବର୍ଷ ପ୍ରଶ୍ନ ପତ୍ର ପ୍ରଘଟ ପାଇଁ ହତାଶ ହେବାକୁ ପଡୁଛି । ଏବର୍ଷ ମଧ ପ୍ରଶ୍ନ ପତ୍ର ପ୍ରଘଟ ଏକ ସୁନିୟନ୍ତିତ ଢଙ୍ଗରେ ରେ କୋଟି କୋଟି ଟଙ୍କା ର ବେପାର ମଧ୍ୟରେ ପ୍ରଶ୍ନ ପତ୍ର ପ୍ରଘଟ ହୋଇଛି ।

# ଅସ୍ଥିର ଅତୀତରୁ ସୁରକ୍ଷିତ ଭବିଷ୍ୟତ : ଆର.ଏସ୍.ପି. ଜମିରୁ ସ୍ଥାନାନ୍ତରିତ ହେଉଥିବା ଲୋକଙ୍କ ଜୀବନକୁ ନୂଆ ଦିଗ ଦେଉଛି କ୍ଷତିପୂରଣ ପ୍ୟାକେଜ୍




ରାଉରକେଲା, ୨୨/୦୫ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ ପାଇଁ ଏହାର ଜମିରୁ ସ୍ଥାନାନ୍ତରିତ ହେଉଥିବା ପରିବାରଗୁଡ଼ିକୁ ପ୍ରଦାନ କରାଯାଉଥିବା କ୍ଷତିପୂରଣ ପ୍ୟାକେଜ୍ ସେମାନଙ୍କ ଜୀବନ କୁ ଏକ ନୂତନ ଦିଗ ପ୍ରଦାନ କରୁଛି । ମଇ ୨୧ ତାରିଖ ସୁଦ୍ଧା ରାଉରକେଲା ଇସ୍ପାତ କାରଖାନା ୭୧ଟି ପରିବାରକୁ ୨.୯୨ କୋଟି ଟଙ୍କା ପ୍ରଦାନ କରିଥିବା ବେଳେ ୨୯ ଜଣ ବ୍ୟକ୍ତି ଇସ୍ପାତ କାରଖାନାରେ ଚୁକ୍ତିଭିତିକ ଚାକିରିରେ ଯୋଗ ଦେଇଛନ୍ତି। କାଟେ ବସ୍ତି ବାସିନ୍ଦା କୁମାରୀ ଅଞ୍ଜୁ ଡୁଙ୍ଗଡୁଙ୍ଗ ହେଉଛନ୍ତି ସେହିଭଳି ଜଣେ ହିତାଧିକାରୀ, ଯାହାଙ୍କ ଜୀବନ ଏହି ପ୍ୟାକେଜ୍ ଯୋଗୁଁ ଏକ ନୂଆ ମୋଡ଼ ନେଇଛି। ଯୁକ୍ତ ଦୁଇ (+୨) ଏବଂ ଏ.ଏନ୍.ଏମ୍. ପାଠ୍ୟକ୍ରମ ସମାପ୍ତ କରିବା ପରେ, ଅଞ୍ଜୁ ଏକ ନିକଟସ୍ଥ ବିୟୁଟି ପାର୍ଲରରେ ସହକାରୀ ଭାବେ ମାତ୍ର ୪,୦୦୦ ଟଙ୍କାର ମାସିକ ମଜୁରିରେ ଗୁଜୁରାଣ ମେଣ୍ଟାଉଥିଲେ। ସେ ବାସ କରୁଥିବା କୁଡ଼ିଆ ଘର ଜେଉଁ ଜମି ଉପରେ ଥିଲା ତାହା ପ୍ରକୃତ ରେ ରାଉରକେଲା ଇସ୍ପାତ କାରଖାନାର ସମ୍ପତି, ତେଣୁ ସେହି ଜମି ର କୌଣସି ବୈଧ କାଗଜ ମଧ୍ୟ ତାଂକ ପାଖରେ ନଥିଲା । ଆଜି ତାଙ୍କ ପରିବାର ଆର୍ଥିକ କ୍ଷତିପୂରଣରେ ପାଂଚ ଲକ୍ଷ ଷୋହଳ ହଜାର ଟଙ୍କା ପ୍ୟାକେଜ୍ ପାଇବା ପାଇଁ ଯୋଗ୍ୟ ଯେଉଁଥିରୁ ୪.୧୨ ଲକ୍ଷ ଟଙ୍କା ସେ ଅଦ୍ୟାବଧି ପାଇ ସାରିଛଂତି । ଏତଦ ବ୍ୟତୀତ ସେ ସମସ୍ତ ସାମ୍ବିଧାନିକ ସୁବିଧା ସହିତ ୨୨,୫୦୦ ଟଙ୍କାର ପ୍ରାରମ୍ଭିକ ଦରମାରେ ଆର.ଏସ୍.ପି.ରେ ଏକ ଚୁକ୍ତିଭିତିକ ଚାକିରିରେ ଯୋଗ ଦେଇଛନ୍ତି। ତାଙ୍କର ପୁରା ପରିବାର ଏବେ ଚିକିତ୍ସା ସୁବିଧା ପାଇଁ ମଧ୍ୟ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏକ ସ୍ଥିର ଆୟ ଏବଂ ନୂତନ ଆତ୍ମବିଶ୍ୱାସ ସହିତ, ଅଞ୍ଜୁଙ୍କର ଲକ୍ଷ୍ୟ ହେଉଛି ଏକ ନୂଆ ଜୀବନ ଆରମ୍ଭ କରିବା, ଆର.ଏସ୍.ପି. ଦ୍ୱାରା ଯୋଗାଇ ଦିଆ ଯିବା ଥିବା ୬୫୦ ବର୍ଗ ଫୁଟ ଜମିରେ ନିଜର ଏକ ଘର ତୋଳିବା ଏବଂ ଏକ ମର୍ଯ୍ୟାଦାପୂର୍ଣ୍ଣ ତଥା ସ୍ଥିର ଜୀବନ ଯାପନ କରିବା। ଅଞ୍ଜୁଙ୍କ କାହାଣୀ ଆର.ଏସ୍.ପି. ଦ୍ୱାରା ସ୍ଥାନାନ୍ତରିତ ହୋଇଥିବା ଅନେକ ପରିବାରର ପ୍ରତିଫଳନ ଅଟେ। ମ୍ୟାଟ୍ରିକ ରୁ କମ୍ ପାଠ ପଢ଼ିଥିବା ଶ୍ରୀ ଆଲୋକ ଖାଖା ପୂର୍ବରୁ ଛୋଟମୋଟ କାମ କରୁଥିଲେ, ଯେଉଁଥିରେ ଦୈନିକ ଖର୍ଚ୍ଚ ଚଳାଇବା କଷ୍ଟକର ହୋଇ ପଡୁଥିଲା । ଏବେ ଏକ ସୁରକ୍ଷିତ ଦରମା ଏବଂ କାର୍ଯ୍ୟକ୍ଷେତ୍ରର ସୁବିଧା ସହ ଚାକିରି ପାଇବା ପରେ, ଆଲୋକ କ୍ଷତିପୂରଣ ପ୍ୟାକେଜ୍ ଅଧୀନରେ ଆବଣ୍ଟିତ ଜମିରେ ଏକ ପକ୍କା ଘର ତିଆରି କରିବାକୁ ଯୋଜନା କରୁଛନ୍ତି। ସେ କୁହନ୍ତି ଯେ, ଜଣେ ମଣିଷର ଥରେ ମୌଳିକ ଆବଶ୍ୟକତା 'ଖାଦ୍ୟ, ବସ୍ତ୍ର ଓ ବାସଗୃହ' ପୂରଣ ହୋଇଗଲେ, ସେ ଉଚ୍ଚତର ଲକ୍ଷ୍ୟ ପାଇଁ ଆଶା ରଖିପାରିବ। ସେ ଏବଂ ତାଙ୍କ ପରିବାର ଏକ ଉଜ୍ଜ୍ୱଳ ଭବିଷ୍ୟତକୁ ଚାହିଁ ରହିଛନ୍ତି। ଗୃହିଣୀ ଶ୍ରୀମତୀ ଅନୀତା, ଯାହାଙ୍କର ପୂର୍ବରୁ କୌଣସି ଆନୁଷ୍ଠାନିକ କାର୍ଯ୍ୟର ଅନୁଭବ ନଥିଲା, ସେ ହେଉଛନ୍ତି ଅନ୍ୟ ଜଣେ ହିତାଧିକାରୀ ଯିଏ କାରଖାନାରେ ଏଜେନ୍ସି ନିଯୁକ୍ତି ମାଧ୍ୟମରେ ଜୀବିକା ପାଇଛନ୍ତି। ନିଜର ନିୟମିତ ଦରମାରେ ପିଲାମାନଙ୍କୁ ଭଲ ସ୍କୁଲରେ ନାମ ଲେଖାଇବା ବିଷୟରେ କହିବା ବେଳେ ତାଙ୍କ ଆଖି ଉଜ୍ଜ୍ୱଳ ହୋଇଉଠେ - ଜଣେ ମା'ର ଏହି ଆକାଂକ୍ଷା ଯାହା ପୂର୍ବରୁ ପହଞ୍ଚ ବାହାରେ ଥିଲା ଏବେ ସାକାର ହେବାକୁ ଯାଉଛି । ଶ୍ରୀ ଆଶିଷ ମିଞ୍ଜ, କୁମାରୀ ପ୍ରିୟଙ୍କା ମିଞ୍ଜ, କୁମାରୀ ଭେରୋନିକା ଲାକ୍ରା, ଶ୍ରୀ ସମୀର ଲାକ୍ରା ଏବଂ ଅନ୍ୟ ଅନେକ ଲୋକଙ୍କ କଥାରେ ମଧ୍ୟ ସମାନ ଆଶା ଓ ଆକାଂକ୍ଷାର ପ୍ରତିଧ୍ୱନି ଶୁଣିବାକୁ ମିଳେ, ଯାହାଙ୍କ ଜୀବନ ଏହି କ୍ଷତିପୂରଣ ପ୍ୟାକେଜ୍ ଯୋଗୁଁ ଅନେକ ପରିମାଣରେ ବଦଳିଯାଇଛି। ଆର.ଏସ୍.ପି. ଏହି ପରିବାରଗୁଡ଼ିକୁ ଅତ୍ୟାବଶ୍ୟକ ସୁବିଧା ସୁଯୋଗ ସମ୍ପନ୍ନ ଅସ୍ଥାୟୀ ଆଶ୍ରୟସ୍ଥଳୀ ମଧ୍ୟ ଯୋଗାଇ ଦେଇଛି, ଯାହା ସ୍ଥାୟୀ ବାସଗୃହକୁ ଅପେକ୍ଷା କରିଥିବା ପରିବାରଗୁଡ଼ିକର ସ୍ଥାନାନ୍ତରଣ ପ୍ରକ୍ରିୟାକୁ ସହଜ କରିଛି। ପ୍ରଭାବିତ ବସ୍ତିବାସିନ୍ଦାଙ୍କ ପାଇଁ ଚିହ୍ନଟ ହୋଇଥିବା ଜମି ପ୍ଲଟଗୁଡ଼ିକୁ ପରିବାରଗୁଡ଼ିକୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତ କରାଯାଉଛି, ଯାହା ସ୍ଥାୟୀ ଘର ନିର୍ମାଣ ଏବଂ ସାମୁଦାୟିକ ପୁନର୍ଗଠନକୁ ସକ୍ଷମ କରୁଛି। ଏହି ହିତାଧିକାରୀଙ୍କ ପାଇଁ, ନିଜର ଏକ ଘର, ଏକ ସ୍ଥିର ଆୟର ସୁଯୋଗ ଓ ଏକ ସମ୍ମାନ ଜନକ ଜୀବନ, କେବଳ ଆର୍ଥିକ ସ୍ଥିତିକୁ ବଦଳାଇ ନାହିଁ, ବରଂ ଜୀବନ ପ୍ରତି ଦୃଷ୍ଟିକୋଣ ଏବଂ ପରିବାରର ପ୍ରାଥମିକତାକୁ ମଧ୍ୟ ବଦଳାଇ ଦେଇଛି ।

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୨୩ ମଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 23 May 2026
Vol.No. 36 ■ No.134 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019




ଯା ଦେବୀ ସର୍ବଭୂତେଷୁ...


ପ୍ରକାଶ ପାଇଲା
ସାଗରିକା
(ବିଷୁବ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ୍ ସେଣ୍ଟର, ବସନ୍ତଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


## ବାପା-ମା' ଆଇଏଏସ୍ ଅଫିସର, ପିଲାଙ୍କୁ କାହିଁକି ମିଳିବ ସଂରକ୍ଷଣର ସୁବିଧା: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୨୨/୫ : ଦେଶରେ ସଂରକ୍ଷଣ ବ୍ୟବସ୍ଥାକୁ ନେଇ ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଛନ୍ତି। ଯେଉଁ ପରିବାର ସଂରକ୍ଷଣର ସୁବିଧା ନେଇ ଶିକ୍ଷା ଏବଂ ଆର୍ଥିକ କ୍ଷେତ୍ରରେ ଆଗକୁ ବଢ଼ିସାରିଛନ୍ତି, ସେମାନଙ୍କୁ ଆଉ ଓବିସି ସଂରକ୍ଷଣ ମିଳିବା ଉଚିତ୍ କି ନୁହେଁ, ସେ ନେଇ କୋର୍ଟ ପ୍ରଶ୍ନ କରିଛନ୍ତି। ଯଦି ବାପା-ମା' ଉଭୟ ଆଇଏଏସ୍ ଅଫିସର, ତେବେ ପିଲାଙ୍କୁ କାହିଁକି ସଂରକ୍ଷଣ ଦିଆଯିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। କର୍ଣ୍ଣାଟକ ହାଇକୋର୍ଟଙ୍କ ଏକ ସଂରକ୍ଷଣ ସମ୍ବନ୍ଧୀୟ ରାୟ ବିରୋଧରେ ଆଗତ ଆବେଦନର ଶୁଣାଣି ବେଳେ ଏହି ବଡ଼ ଟିପ୍ପଣୀ ଆସିଛି। ଜଷ୍ଟିସ ବି.ଭି. ନାଗରତ୍ନ ଏବଂ ଜଷ୍ଟିସ ଉଜ୍ଜଳ ଭୂୟାଁଙ୍କ ବେଞ୍ଚ ଏହି ମାମଲାର ଶୁଣାଣି କରୁଥିଲେ। ଜଷ୍ଟିସ ନାଗରତ୍ନ କହିଛନ୍ତି ଯେ, ଆର୍ଥିକ ଏବଂ ଶିକ୍ଷାଗତ ସଶକ୍ତିକରଣ ହେଲେ ସମାଜରେ ସମ୍ମାନ ବଢ଼ିଥାଏ। ବାପା-ମା' ଭଲ ପାଠ ପଢ଼ି ଭଲ ଚାକିରି କରୁଛନ୍ତି ଏବଂ ଭଲ ଦରମା ପାଉଛନ୍ତି। ଏହା ପରେ ବି ଯଦି ପିଲାମାନେ ପୁଣି ସଂରକ୍ଷଣ ମାଗିବେ, ତେବେ ଏହି ବ୍ୟବସ୍ଥାରୁ ଦେଶ କେବେ ମୁକୁଳି ପାରିବ ନାହିଁ। ତେଣୁ ଏଭଳି ପରିବାର ସଂରକ୍ଷଣ ବ୍ୟବସ୍ଥାରୁ ବାହାରକୁ ଆସିବା ଉଚିତ୍। ଏହି ମାମଲାଟି କର୍ଣ୍ଣାଟକର ଜଣେ ସରକାରୀ କର୍ମଚାରୀଙ୍କ ପୁଅ ସହ ଜଡ଼ିତ। ଯାହାଙ୍କ ପରିବାରର ବାର୍ଷିକ ଆୟ ପ୍ରାୟ ୧୯.୪୮ ଲକ୍ଷ ଟଙ୍କା ଥିଲା। ଉଭୟ ବାପା-ମା' ସରକାରୀ ଚାକିରିଆ ହୋଇଥିବାରୁ ତାଙ୍କୁ 'କ୍ରିମି ଲେୟାର' ବା ଧନୀ ଶ୍ରେଣୀଭୁକ୍ତ ଦର୍ଶାଇ ସଂରକ୍ଷଣରୁ ବାଦ୍ ଦିଆଯାଇଥିଲା। ଶୁଣାଣି ବେଳେ ଆବେଦନକାରୀଙ୍କ ଓକିଲ ଯୁକ୍ତି ବାଢ଼ିଥିଲେ ଯେ କେବଳ ଦରମା ଆଧାରରେ ସରକାରୀ କର୍ମଚାରୀଙ୍କ କ୍ରିମି ଲେୟାର୍ ସ୍ଥିର କରାଯିବା ଉଚିତ୍ ନୁହେଁ। ଏହାଦ୍ୱାରା ତଳିଆ କର୍ମଚାରୀଙ୍କ ପିଲା ମଧ୍ୟ ପ୍ରଭାବିତ ହେବେ।

## ଆହୁରି ସପ୍ତାହେ ଲାଗି ରହିବ ତାତି



ଭୁବନେଶ୍ୱର, ୨୨/୫ (ନି.ପ୍ର): ଘରୁ ଗୋଡ଼ କାଢ଼ିଲେ ଦେହ ଜଳିଯାଉଛି । ସତେ ଯେମିତି ରକ୍ତ ଶୋଷି ନେଉଛନ୍ତି ସୂର୍ଯ୍ୟ । ପଶ୍ଚିମରେ ଗରମକୁ ଉପକୂଳରେ ଗୁଳୁଗୁଳି । ଓଡ଼ିଶାର ହାଲ୍ ଏବେ ବେହାଲ୍ । ଆଗାମୀ ସପ୍ତାହେ ଯାଏଁ ଏଭଳି ଗ୍ରୀଷ୍ମପ୍ରବାହ ଜାରି ରହିପାରେ । ୬ ରୁ ୭ ଦିନ ଯାଏଁ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବନି ବୋଲି ସତର୍କ କରିଛି ପାଣିପାଗ ବିଭାଗ । ସେପଟେ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ମୌସୁମୀ ବାୟୁ ପାଇଁ ଅନୁକୂଳ ସ୍ଥିତି ସୃଷ୍ଟି କରିଛି। ଗ୍ରୀଷ୍ମର ପ୍ରକୋପ ଏମିତି କିଏ କେବେ ଦେଖିଥିଲା, ନା ହେବ ବୋଲି ଭାବିଥିଲା । ଦିନ ଦିନ ଧରି ୪୫ ଡିଗ୍ରି ଉପରେ ରହୁଛି ଏକାଧିକ ସ୍ଥାନର ସର୍ବାଧିକ ତାପମାତ୍ରା । କଂକ୍ରିଟ୍ ଘୋଡ଼ାଇ ହୋଇଥିବା ସହର ଗୁଡ଼ିକ ପାଲଟିଯାଉଛି ହିଟ୍ ଆଇଲ୍ୟାଣ୍ଡ ବା ଉତ୍ତାପ ଦ୍ୱୀପ । ସକାଳ ୮ଟା ବାଜୁ ବାଜୁ ରାସ୍ତାଘାଟ ଶୂନ୍‌ଶାନ୍, ଅଘୋଷିତ କର୍ଫ୍ୟୁ । ଅବଶ ହୋଇଯାଉଛି ଜୀବନଯାତ୍ରା । ଚିନ୍ତାର ବିଷୟ ହେଉଛି, ଏତେ ଶୀଘ୍ର କମିବନି ସୂର୍ଯ୍ୟଙ୍କ କୋପ । ଆହୁରି ସପ୍ତାହେ ଯାଏଁ ଲାଗି ରହିବ ଏହି ଭଳି ଅସହ୍ୟ ଗ୍ରୀଷ୍ମଲହରି । ଆଗାମୀ ୬ ରୁ ୭ ଦିନ ଯାଏଁ ସର୍ବାଧିକ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ ବୋଲି ସତର୍କ କରିଛି ପାଣିପାଗ ବିଭାଗ । ପ୍ରବଳ ଗ୍ରୀଷ୍ମପ୍ରବାହ ଓ ଉଷ୍ଣରାତ୍ରି ହେବାର ଆଶଙ୍କା ଥିବାରୁ ଆସନ୍ତାକାଲି ପାଇଁ ଝାରସୁଗୁଡ଼ା, ସମ୍ବଲପୁର ଓ ବଲାଙ୍ଗୀର ଜିଲ୍ଲାକୁ ଜାରି ହୋଇଛି ଅରେଞ୍ଜ ୱାର୍ଣ୍ଣିଂ । କେବଳ କନ୍ଧମାଳ, ରାୟଗଡ଼ା, କୋରାପୁଟ ଓ ନବରଙ୍ଗପୁରକୁ ଛାଡ଼ି ବାକି ୨୩ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଉପକୂଳ ଓ ସହ ଆଭ୍ୟନ୍ତରୀଣ ଜିଲ୍ଲା ଗୁଡ଼ିକରେ ବି କଲବଲ କରିବ ଗୁଳୁଗୁଳି । ୨୪ ତାରିଖରେ ଝାରସୁଗୁଡ଼ା, ସମ୍ବଲପୁର, ଅନୁଗୁଳ, ବୌଦ୍ଧ ଓ ବଲାଙ୍ଗିର ଜିଲ୍ଲା ପାଇଁ ଜାରି ହୋଇଛି ଅରେଞ୍ଜ ୱାର୍ଣ୍ଣିଂ । କାହିଁକି ଏବର୍ଷ ବୋଲ ମାନୁନି ପାରା? କାହିଁକି ବଢ଼ି ଚାଲିଛି ତାତି ଆଉ ଖରା? ସୂଚନା ଅନୁସାରେ, ଉତ୍ତରପ୍ରଦେଶ ଆଡୁ ଶୁଷ୍କ ଓ ଉତ୍ତପ୍ତ ପଶ୍ଚିମା ପବନ ଓଡ଼ିଶାକୁ ପ୍ରବେଶ କରୁଛି। ଉତ୍ତରପ୍ରଦେଶରୁ ଦକ୍ଷିଣ ଓଡ଼ିଶା ପର୍ଯ୍ୟନ୍ତ ଏକ ଟ୍ରଫ୍ ଲାଇନ୍ ରହିଛି । ଦକ୍ଷିଣ ଓଡ଼ିଶା ବାୟୁମଣ୍ଡଳର ଦେଢ଼ କିଲୋମିଟର ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି ।

## ୨୩ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ




ନୂଆଦିଲ୍ଲୀ,୨୨/୫ : ଦେଶର ସବୁଠାରୁ ସରକାରୀ ବ୍ୟାଙ୍କ ଏସବିଆଇ ବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଯଦି ଆପଣଙ୍କ କିଛି କାମ ରହିଛି ତେବେ ତାହା ଆଜି ଶେଷ କରନ୍ତୁ । କାରଣ ଆସନ୍ତାକାଲି ଅର୍ଥାତ ୨୩ ତାରଖରୁ ୨୮ ତାରିଖ, କ୍ରମାଗତ ୬ ଦିନ ଏହି ବ୍ୟାଙ୍କ ବନ୍ଦ ରହିବ । ଏହାର ମୁଖ୍ୟ କାରଣ ଭାବେ, ସପ୍ତାହନ୍ତ, କର୍ମଚାରୀଙ୍କ ଆନ୍ଦୋଳନ ଓ ପର୍ବପର୍ବାଣୀ ପାଇଁ ଛୁଟି । ୨୩ ତାରିଖ ଶନିବାର ମାସର ଚତୁର୍ଥ ସୋମବାର ହୋଇଥିବାରୁ ଦେଶର ସମସ୍ତ ବ୍ୟାଙ୍କ ଛୁଟି ରହିବ । ଏହାପରେ ୨୪ ତାରିଖ ରବିବାର ପାଇଁ ମଧ୍ୟ ଦେଶର ସମସ୍ତ ବ୍ୟାଙ୍କ ଛୁଟି ରହିବ । ସେପଟେ ଏସବିଆଇ କର୍ମଚାରୀମାନେ ବିଭିନ୍ନ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଉଛନ୍ତି । ଏହି କାରଣରୁ ୨୫ ଓ ୨୬ ତାରିଖ ଦୁଇଦିନ ଧରି କେବଳ ଏସବିଆଇର ସମସ୍ତ ବ୍ରାଞ୍ଚ ବନ୍ଦ ରହିବ । ସେହିଭଳି ଭାରତର ଭିନ୍ନ ଭିନ୍ନ ରାଜ୍ୟରେ ବକରିଦ୍ ଭିନ୍ନ ଭିନ୍ନ ଦିନରେ ପାଳନ ହେଉଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କ ବକରିଦ୍ ପର୍ବ ପାଇଁ ୨ ଦିନିଆ ଛୁଟି ଘୋଷଣା କରିଛନ୍ତି । ଏଥିପାଇଁ ୨୭ ଓ ୨୮ ତାରିଖ ଦୁଇଦିନ ଦେଶର ସମସ୍ତ ବ୍ୟାଙ୍କ ଛୁଟି ରହିବ ।

## ରାଜ୍ୟରେ ସାର ସଙ୍କଟ ନାହିଁ : ସମବାୟ ମନ୍ତ୍ରୀ

ଭୁବନେଶ୍ୱର, ୨୨/୫ (ନି.ପ୍ର): ରାଜ୍ୟରେ ସାରର ଅଭାବ ନାହିଁ ବୋଲି କହିଛନ୍ତି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି। ସେ କହିଛନ୍ତି ରାଜ୍ୟରେ ଆବଶ୍ୟକୀୟ ପରିମାଣରେ ସାର ଅଛି, କିଛି ସମସ୍ୟା ନାହିଁ। ମାର୍କଫେଡ୍ ରେ ୬୬ ହଜାର ୯୧୮ ମେଟ୍ରିକ୍ ଟନ୍ ସାର ମହଜୁଦ ଅଛି। ଖୁବ୍ ଶୀଘ୍ର ସାର ଉତ୍ପାଦନ ସ୍ୱାଭାବିକ ହେବ। କଂଚାମାଲ୍ ଯୋଗାଣ ଅଭାବରୁ ଇଫ୍‌କୋରେ ସାର ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଅଧିକ ଦିନ ଏଭଳି ଅବସ୍ଥା ରହିଲେ ସରକାର ବିକଳ୍ପ ବ୍ୟବସ୍ଥା କରିବେ। ଅଧିକାରୀମାନଙ୍କ ସହ ଆଲୋଚନା କରି ନିଷ୍ପତି ନିଆଯିବ।

## ଅଧାରେ ରହିଗଲା ମାଆଙ୍କ ଦର୍ଶନ: ଅଟୋ ଉପରେ ମାଡ଼ିଗଲା ବସ୍, ଦୁଇ ଶିଶୁ ସମତେ ୬ ଶ୍ରଦ୍ଧାଳୁ ମୃତ





ବ୍ରହ୍ମପୁର/ପୁରୁଷୋତ୍ତମପୁର: ଠାକୁରାଣୀଙ୍କ ଦର୍ଶନ କରିବେ। ଶ୍ରଦ୍ଧାରେ ମା'ଙ୍କୁ ମୁଣ୍ଡିଆ ମାରିବେ। ମନର କଥା କହି ଆଶୀର୍ବାଦ ନେବେ। ଏମିତି ମନେମନେ ଚିନ୍ତା କରି ମା' ସିଂହାସନୀ ପୀଠ ଅଭିମୁଖେ ଅଗ୍ରସର ହେଉଥିବା ଶ୍ରଦ୍ଧାଳୁମାନଙ୍କର ଅଟୋକୁ ଆଜି ପୂର୍ବାହ୍ଣରେ ଏକ ଯାତ୍ରୀବାହୀ ବସ୍ ଧକ୍କା ଦେଇଛି। ବସର ଚାଳକ ଭାରସାମ୍ୟ ହରାଇଥିବାରୁ ଅଟୋକୁ ଘୋଷାଡ଼ି ନେଇ ଗଛରେ ପିଟିଛି। ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ଜଣ ଶିଶୁ ସମତେ ୬ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ଘଟିଛି। ଗଂଜାମ ଜିଲ୍ଲା ପୁରୁଷୋତ୍ତମପୁର ଅଞ୍ଚଳରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ମୃତକମାନେ ହେଲେ ଏରେଣ୍ଡା ଗ୍ରାମର ମାଳି ବେହେରା (୭୫), ନୃସିଂହ ବେହେରା (୪୩), ଜରଡ଼ା ଥାନା ସାମନ୍ତରାପୁର ଗ୍ରାମର ଲୀଳାବତୀ ବେହେରା (୪୫), ପୁରୁଷୋତ୍ତମପୁରର ନେହା ବେହେରା (୧୦) ଓ କିରଣ ବେହେରା (୮) ପ୍ରମୁଖ। ସୂଚନା ଅନୁସାରେ ଆଜି ସକାଳୁ ଗଂଜାମ ଜିଲ୍ଲା ଚିକିଟି ବ୍ଲକର କେ ନୂଆଗାଁ ଥାନା ଅଧୀନ ଏରେଣ୍ଡା ଗ୍ରାମରୁ ପ୍ରାୟ ୧୦ ଜଣ ଶ୍ରଦ୍ଧାଳୁ ପୋଲସରା ଥାନା ଅଧୀନ ସିଂହାସନୀ ପୀଠକୁ ଯାଉଥିଲେ। ପୁରୁଷୋତ୍ତମପୁର ଥାନା ଅଧିନ ଲଡକାପଲ୍ଲୀ ଛକ ନିକଟରେ ଏକ ଯାତ୍ରୀବାହୀ ବସ ପଛ ପଟୁ ଆସି ଅଟୋକୁ ପ୍ରଥମେ ଧକ୍କା ଦେଇଥିଲା। ତାପରେ ଏହାକୁ ଘୋଷାଡ଼ି ନେଇ ଗଛରେ ପିଟିଥିଲା। ଦୁର୍ଘଟଣାର ଶିକାର ହେଲା ପରେ ଅଟୋରେ ଥିବା ସମସ୍ତ ଯାତ୍ରୀ ଗୁରୁତର ହୋଇଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକଙ୍କର ସହାୟତାରେ ଉଦ୍ଧାର କରାଯାଇ ପ୍ରଥମେ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୬ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ, ଯେଉଁଥିରେ ୨ଜଣ ଶିଶୁ ଅଛନ୍ତି। ଗୁରୁତର ଅନ୍ୟ ୪ଜଣଙ୍କର ଚିକିତ୍ସା ଜାରି ରହିଛି। ପୁଲିସ ମୃତଦେହଗୁଡ଼ିକ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଛି। ଦୁର୍ଘଟଣାଗ୍ରସ୍ତ ବସ୍ ଏବଂ ଅଟୋ ଜବତ କରିଛି। ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି। ଅନ୍ୟପଟରେ ଏହି ଦୁର୍ଘଟଣା ନେଇ ଏରେଣ୍ଡା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଏହି ଘଟଣା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ରାଶି ଘୋଷଣା କରିଛନ୍ତି।

## ଉମର ଖଲିଦଙ୍କୁ ମିଳିଲା ଜାମିନ୍

ନୂଆଦିଲ୍ଲୀ,୨୨/୫ : ୨୦୨୦ ଦଙ୍ଗା ମାମଲାରେ ଜେଲରେ ଥିବା ଜେଏନ୍‌ୟୁର ପୂର୍ବତନ ଛାତ୍ର ନେତା ଉମର ଖାଲିଦଙ୍କୁ ଦିଲ୍ଲୀ ହାଇକୋର୍ଟରୁ ତିନିଦିନିଆ ଅନ୍ତରୀଣ ଜାମିନ୍ ମିଳିଛି । ଖାଲିଦଙ୍କୁ ତାଙ୍କ ମା'ଙ୍କ ସର୍ଜରୀ ପାଇଁ ଜୁନ୍ ୧ ତାରିଖରୁ ଜୁନ୍ ୩ ତାରିଖ ପର୍ଯ୍ୟନ୍ତ ଜେଲ୍ ବାହାରେ ରହିବେ । ମେ ୧୯ରେ ଦିଲ୍ଲୀର ତଳକୋର୍ଟ ଖାଲିଦଙ୍କ ଅନ୍ତରୀଣ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ । ପରେ ଖାଲିଦ ୨୨ ମେ'ରୁ ୫ ଜୁନ୍ ପର୍ଯ୍ୟନ୍ତ ୧୫ ଦିନର ଅନ୍ତରୀଣ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ମୃତ ସମ୍ପର୍କୀୟଙ୍କ ଅନ୍ତେଷ୍ଟି କାର୍ଯ୍ୟକ୍ରମ ସହ ମାଆଙ୍କ ସର୍ଜରୀରେ ଯୋଗ ଦେବା ପାଇଁ ଜାମିନ ଆବେଦନ କରିଥିଲେ ଖାଲିଦ । ଜୁନ୍ ୨ ରେ ତାଙ୍କ ୬୨ ବର୍ଷୀୟ ମା'ଙ୍କର ସର୍ଜରି ହେବ । ଏହି ସମୟରେ ତାଙ୍କର ଯତ୍ନ ନେବା ପାଇଁ ଜାମିନରେ ଯିବା ଜରୁରୀ ବୋଲି ଦର୍ଶାଇଥିଲେ । ଦିଲ୍ଲୀ ହାଇକୋର୍ଟର ବିଚାରପତି ନବୀନ ଚାୱଲା ଓ ଅରବିନ୍ଦ ଡୁଡେଜାଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଉମର ଖାଲିଦଙ୍କୁ ଦିଆଯାଇଥିବା ମଧ୍ୟବର୍ତ୍ତୀକାଳୀନ ଜାମିନ ଜୁନ୍ ୧ ତାରିଖ ସକାଳ ୭ଟାରୁ ଜୁନ୍ ୩ ତାରିଖ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ବୈଧ ରହିବ।

## ଭୁବନେଶ୍ୱର ବିମାନବନ୍ଦର ପକ୍ଷରୁ ଇବୋଲା ସତର୍କତା ଜାରି

ଭୁବନେଶ୍ୱର, ୨୨/୫ (ନି.ପ୍ର): ବିଶ୍ୱରେ ଇବୋଲା ସଂକ୍ରମଣ ସ୍ଥିତିରେ ଭୁବନେଶ୍ୱର ବିମାନବନ୍ଦର ସତର୍କତା ଜାରି କରିଛି। ଭୁବନେଶ୍ୱର ବିମାନ ବନ୍ଦରରେ ଯାତ୍ରୀଙ୍କର ଥର୍ମାଲ ସ୍କ୍ରିନିଂ ହେବ । ଏହାସହ ସେମାନଙ୍କର ୨୧ ଦିନର ଟ୍ରାଭେଲ୍ ହିଷ୍ଟ୍ରି ଯାଂଚ କରାଯିବ। କାହା ଉପରେ ସନ୍ଦେହ ହେଲେ ନିର୍ଦ୍ଦିଷ୍ଟ ଗାଇଡଲାଇନ୍ ଆଧାରରେ ପରୀକ୍ଷା ହେବ। ବିଶେଷ କରି ବ୍ୟାଂକକ୍ ରୁ ଫେରୁଥିବା ଯାତ୍ରୀମାନଙ୍କ ଉପରେ ସ୍ୱତନ୍ତ୍ର ନଜର ରଖାଯାଉଛି । ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ଏହି ସୂଚନା ଦେଇଛନ୍ତି।

## କକ୍ରୋଚ୍ ନେତାଙ୍କୁ ହତ୍ୟା ଧମକ : ସବୁ ସୋସିଆଲ୍ ମିଡିଆ ବନ୍ଦ କରିବାକୁ ଚେତାବନୀ

### ଓଡ଼ିଶାରେ ପଡ଼ିଲା କକ୍ରୋଚ ଜନତା ପାର୍ଟିର ମୂଳଦୁଆ, ବ୍ୟବସ୍ଥା ବିରୋଧରେ ଏକାଠି ହେଲେ ଛାତ୍ରନେତା






ନୂଆଦିଲ୍ଲୀ/ଭୁବନେଶ୍ୱର,୨୨/୫ : କକ୍ରୋଚ୍ ଜନତା ପାର୍ଟିର ପ୍ରତିଷ୍ଠାତା ଅଭିଜିତ୍ ଦୀପକଙ୍କୁ ହ୍ୱାଟ୍ସଆପରେ ଅଜଣା ନମ୍ବରରୁ ହତ୍ୟା ଧମକ ଆସିଥିବା ଅଭିଯୋଗ ହୋଇଛି। ଶୀଘ୍ର ସୋସିଆଲ୍ ମିଡିଆରେ ଏସବୁ ବନ୍ଦ କରିବାକୁ କିଛି ଲୋକ ଧମକ ଦେଇଛନ୍ତି। ମହାରାଷ୍ଟ୍ର ଛତ୍ରପତି ସାମ୍ଭାଜୀ ନଗରରେ ରହୁଥିବା କ୍ରକୋଚ୍ ପାର୍ଟିର ପ୍ରତିଷ୍ଠାତା ଅଭିଜିତ ଦୀପକଙ୍କ ବାପା ଭଗବାନ ଓ ମାଆ ଅନିତା ଇନଷ୍ଟାଗ୍ରାମରେ କକ୍ରୋଚ୍ ପାର୍ଟିର ଲୋକପ୍ରିୟତା ଦେଖି ଆଶଙ୍କା ପ୍ରକାଶ କରିଛନ୍ତି। ତାଙ୍କ ପୁଅ ସମସ୍ୟାରେ ପଡ଼ିପାରେ ଓ ଗିରଫ ମଧ୍ୟ ହୋଇପାରେ । ସେମାନେ କହିଛନ୍ତି, ତାଙ୍କ ପୁଅ ରାଜନୀତିରେ ପ୍ରବେଶ କରୁ ବୋଲି ସେମାନେ ଚାହାନ୍ତି ନାହିଁ । ଅଭିଜିତଙ୍କ ପଦକ୍ଷେପ ବିଷୟରେ ଜାଣିବା ପରେ ଆଖିରୁ ନିଦ ହଜିଯାଇଛି ବୋଲି ସେମାନେ କହିଛନ୍ତି। କିଛି ଯୁବକଙ୍କୁ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଅସରପା ସହ ତୁଳନା କରିବା ପରେ ଏହି ପାର୍ଟି ଗଠନ କରାଯାଇଥିବା କୁହାଯାଉଛି। କକ୍ରୋଚ୍ ଜନତା ପାର୍ଟି ଭାରତରେ ଜେନ ଜିର ଉତ୍ଥାନକୁ ସମର୍ଥନ ବୋଲି କିଛି ଲୋକ ମତ ଦେଉଛନ୍ତି। କିଛି ଦଳ ଏହାକୁ ନାପସନ୍ଦ କରୁଥିବା ବେଳେ କଂଗ୍ରେସ ନେତା ସୁଖଦେବ କକ୍ରୋଚ୍ ପାର୍ଟି ଗଠନକୁ ଭିନ୍ନ ଦୃଷ୍ଟିରେ ଦେଖିଛନ୍ତି। ବେରୋଜଗାର ଯୁବକଙ୍କ ସ୍ୱର ବୋଲି ଦାବି କରୁଥିବା ଅନଲାଇନ୍ ବ୍ୟଙ୍ଗାତ୍ମକ ଆନ୍ଦୋଳନ 'କକ୍ରୋଚ୍ ଜନତା ପାର୍ଟି'କୁ ନେଇ ଏବେ ଚାରିଆଡେ ଚର୍ଚ୍ଚା। ରାଜନୈତିକ ଦଳ ନହୋଇ ବି ସରକାରୀ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଉଥିବା ଏହି କକ୍‌ରୋଚ୍ ଜନତା ପାର୍ଟିର ଓଡ଼ିଶାରେ ପଡ଼ିଛି ମୂଳଦୁଆ। ସରକାରୀ ଚାକିରି ଅପେକ୍ଷାରେ ଥିବା କିଛି ଆଶାୟୀ ପ୍ରେସମିଟ୍ କରି ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି।

## ତୈଳ ସଙ୍କଟର ମୁକାବିଲା ପାଇଁ ସିଏମଙ୍କ ୮ ସୂତ୍ରୀ ନିର୍ଦ୍ଦେଶାବଳୀ




ଭୁବନେଶ୍ୱର, ୨୨/୫ (ନି.ପ୍ର): ଭର୍ଚୁଆଲ୍ ମିଟିଂକୁ ଗୁରୁତ୍ୱ ଦିଅ, ଇଭିର ଅଧିକ ବ୍ୟବହାର କର । ଅଫିସ ଆସିଲା ବେଳେ କାର ପୁଲିଂ କରି ଆସ । ଆଉ ସରକାରୀ କାମରେ ଦୂର ସ୍ଥାନକୁ ଗଲେ ବସ୍ ଓ ଟ୍ରେନରେ ଯାଅ। ସରକାରୀ କର୍ମଚାରୀଙ୍କ ପାଇଁ ଏଭଳି ୮ ସୂତ୍ରୀ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପଶ୍ଚିମ ଏସିଆ ପରିସ୍ଥିତି ଯୋଗୁ ପେଟ୍ରୋଲ, ଡିଜେଲ କମ୍ ବ୍ୟବହାର ଲାଗି ପାଇଁ ପ୍ରଧାନମନ୍ତ୍ରୀ ନିକଟରେ ନିବେଦନ କରିଥିଲେ । ଆଉ ଏହା ପରେ ରାଜ୍ୟର ସରକାରୀ ସ୍ତରରେ ତୈଳ ଖର୍ଚ୍ଚକୁ ୧୦ ପ୍ରତିଶତ କମାଇବା ଲାଗି ଯୋଜନା କରିଛନ୍ତି ମୁଖ୍ୟମନ୍ତ୍ରୀ । ଆଉ ଏଥିପାଇଁ ପ୍ରଶାସନକୁ ଦେଇଛନ୍ତି ୮ ସୂତ୍ରୀ ନିର୍ଦ୍ଦେଶାବଳୀ। ଅତି ଆବଶ୍ୟକ ନ ଥିଲେ ବିଭିନ୍ନ ସରକାରୀ ବୈଠକ, ସମୀକ୍ଷା, ପ୍ରଶିକ୍ଷଣ, କର୍ମଶାଳା ଭର୍ଚୁଆଲ୍ ମୋଡରେ କରାଯିବ। ଆସନ୍ତା ଜୁନ ୧ରୁ ଯେତେ ନୂଆ ଦୁଇ ଚକିଆ କିମ୍ବା ଚାରି ଚକିଆ ଯାନ କିଣାଯିବ, ସେଗୁଡ଼ିକ ବୈଦ୍ୟୁତିକ ଯାନ ହୋଇଥିବା ବାଧ୍ୟତାମୂଳକ। ଭଡା ନେଲେ ବି ଇଭି ଗାଡି ହିଁ ନିଆଯିବ । ବ୍ୟକ୍ତିଗତ ସରକାରୀ ବ୍ୟବହାର ପାଇଁ ଗାଡି ପାଇଥିବା ବରିଷ୍ଠ ଅଧିକାରୀମାନେ ନିଜ ନିଜ ମଧ୍ୟରେ କାର୍ ପୁଲିଂ କରି ଆସିବେ । ଅର୍ଥାତ ଯିବା ଆସିବା ଲାଗି କେବଳ ଗୋଟିଏ ଗାଡି ବ୍ୟବହାର କରିବେ । କେଉଁ ପାହ୍ୟାର ବରିଷ୍ଠ ଅଧିକାରୀମାନେ ବ୍ୟକ୍ତିଗତ ଭାବେ ସରକାରୀ ଗାଡ଼ି ବ୍ୟବହାର କରିପାରିବେ, ସେଥିପାଇଁ ଅର୍ଥବିଭାଗ ୧୫ ଦିନ ମଧ୍ୟରେ ମାର୍ଗଦର୍ଶିକା ଜାରି କରିବ । ଯେଉଁ ଅଧିକାରୀଙ୍କ ନିଜସ୍ୱ ଇଭି ଗାଡି ରହିଛି ସେମାନେ ଏହାକୁ ସରକାରୀ କାମରେ କିଭଳି ବ୍ୟବହାର କରିବେ ସେ ନେଇ ପ୍ରସ୍ତୁତ ହେବ ମାର୍ଗଦର୍ଶିକା । ଦୂରସ୍ଥାନକୁ ପରିଦର୍ଶନ ଗଲା ବେଳେ ଅଧିକାରୀ, କର୍ମଚାରୀ ବସ କିମ୍ବା ଟ୍ରେନରେ ଯିବେ ।

# ହିଟ୍‌ୱେଭ୍ ଆଲର୍ଟ: ସଙ୍କଟରେ ଜୀବନ ଓ ଜୀବିକା

ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ ନିକଟରେ ଜାରି କରାଯାଇଥିବା ଏକ ସତର୍କ ସୂଚନା ଅନୁଯାୟୀ, ମେ ୨୨ ରୁ ମେ ୨୮, ୨୦୨୬ ପର୍ଯ୍ୟନ୍ତ ଦେଶର ବିଭିନ୍ନ ଅଂଶରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ ବା ହିଟ୍‌ୱେଭ୍ ସ୍ଥିତି ଲାଗିରହିବାର ଆଶଙ୍କା ରହିଛି । ବିଶେଷକରି ଉତ୍ତର-ପଶ୍ଚିମ ଭାରତ, ମଧ୍ୟ ଏବଂ ପୂର୍ବ ଭାରତ ସମେତ ଉପଦ୍ୱୀପୀୟ ଭାରତର କିଛି ଅଂଶରେ ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରାଯାଇଛି । ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ପଞ୍ଜାବ, ହରିୟାଣା, ଦିଲ୍ଲୀ, ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼ ଏବଂ ତେଲେଙ୍ଗାନା ଭଳି ରାଜ୍ୟଗୁଡ଼ିକରେ ଏହି ଗ୍ରୀଷ୍ମ ପ୍ରବାହର ପ୍ରଭାବ ସର୍ବାଧିକ ଅନୁଭୂତ ହେବ । କେବଳ ଦିନର ତାପମାତ୍ରା ନୁହେଁ, ବରଂ ରାତିର ତାପମାତ୍ରା ମଧ୍ୟ ସ୍ୱାଭାବିକ ଠାରୁ ଅଧିକ ରହିବ ବୋଲି ପାଣିପାଗ ବିଭାଗ ସ୍ପଷ୍ଟ କରିଛି । ଉତ୍ତରପ୍ରଦେଶ, ବିଦର୍ଭ, ଓଡ଼ିଶା ଏବଂ ତେଲେଙ୍ଗାନାରେ 'ଉଷ୍ଣ ରାତ୍ରି' ବା ୱାର୍ମ ନାଇଟ୍ ସ୍ଥିତି ଲୋକଙ୍କ ଦୁର୍ଦ୍ଦଶାକୁ ଆହୁରି ବଢ଼ାଇଦେବ । ଏହି ପରିପ୍ରେକ୍ଷୀରେ, ବର୍ତ୍ତମାନର ଗ୍ରୀଷ୍ମ ପ୍ରବାହ କେବଳ ଏକ ଋତୁକାଳୀନ ପରିବର୍ତ୍ତନ ନୁହେଁ, ବରଂ ଏହା ଏକ ଗଭୀର ଜଳବାୟୁ ସଙ୍କଟର ସ୍ପଷ୍ଟ ପ୍ରତିଫଳନ, ଯାହାର ବହୁମୁଖୀ ବିଶ୍ଳେଷଣ ନିତାନ୍ତ ଆବଶ୍ୟକ।

ସାଧାରଣତଃ ଆମେ ତାପମାତ୍ରାକୁ କେବଳ ସେଲସିୟସ୍ ସ୍କେଲରେ ମାପିଥାଉ ଏବଂ ଭାବିଥାଉ ଯେ କେବଳ ଉଚ୍ଚ ତାପମାତ୍ରା ହିଁ ବିପଜ୍ଜନକ । କିନ୍ତୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଚାର କଲେ, 'ୱେଟ୍-ବଲ୍ବ ତାପମାତ୍ରା' **(Wet-bulb temperature)** ବା ଆର୍ଦ୍ର-ତାପମାତ୍ରା ହେଉଛି ମାନବ ଶରୀର ପାଇଁ ପ୍ରକୃତ ବିପଦର ମାପକ । ଏହା ଉଭୟ ଉତ୍ତାପ ଏବଂ ଆର୍ଦ୍ରତା (ହ୍ୟୁମିଡିଟି)ର ଏକ ସମ୍ମିଳିତ ସୂଚକ । ଯେତେବେଳେ ପରିବେଶରେ ଆର୍ଦ୍ରତା ଅଧିକ ଥାଏ, ଶରୀରରୁ ଝାଳ ଶୁଖିପାରେ ନାହିଁ, ଫଳରେ ଶରୀର ନିଜକୁ ଥଣ୍ଡା ରଖିବାର ପ୍ରାକୃତିକ କ୍ଷମତା ହରାଇ ବସେ । ସାମ୍ପ୍ରତିକ ଗବେଷଣା ଅନୁଯାୟୀ, ଯଦି ୱେଟ୍-ବଲ୍ବ ତାପମାତ୍ରା ୩୧ ରୁ ୩୫ ଡିଗ୍ରୀ ସେଲସିୟସ୍ ଅତିକ୍ରମ କରେ, ତେବେ ଜଣେ ସୁସ୍ଥ ସବଳ ବ୍ୟକ୍ତି ମଧ୍ୟ ଛାଇରେ ବିଶ୍ରାମ ନେଉଥିଲେ ସୁଦ୍ଧା ଅଂଶୁଘାତର ଶିକାର ହୋଇ ମୃତ୍ୟୁବରଣ କରିପାରନ୍ତି । ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ପଶ୍ଚିମବଙ୍ଗ ଭଳି ଉପକୂଳବର୍ତ୍ତୀ ରାଜ୍ୟଗୁଡ଼ିକରେ ଆର୍ଦ୍ରତା ଅଧିକ ରହୁଥିବାରୁ ଏଠାରେ ୪୦ ଡିଗ୍ରୀ ସେଲସିୟସ୍ ତାପମାତ୍ରା ମଧ୍ୟ ଶରୀର ପାଇଁ ୫୦ ଡିଗ୍ରୀ ଭଳି ଅନୁଭୂତ ହୋଇଥାଏ । ତେଣୁ ପାଣିପାଗ ବିଭାଗର ଆକଳନ କେବଳ ଶୁଷ୍କ ତାପମାତ୍ରା ଉପରେ ନିର୍ଭର ନକରି ୱେଟ୍-ବଲ୍ବ ତାପମାତ୍ରା ଉପରେ ଆଧାରିତ ହେବା ଉଚିତ୍, ଯାହାଦ୍ୱାରା ପ୍ରଶାସନ ସଠିକ ପଦକ୍ଷେପ ନେଇପାରିବ ।

ଏହି ଅତ୍ୟଧିକ ଉତ୍ତାପର କାରଣ ଖୋଜିଲେ ଆମକୁ ବିଶ୍ୱ ତାପନ ବା ଗ୍ଲୋବାଲ୍ ୱାର୍ମିଂ ଏବଂ ଜଳବାୟୁ ପରିବର୍ତ୍ତନ ଆଡ଼କୁ ଦୃଷ୍ଟି ଦେବାକୁ ପଡ଼ିବ । ଗ୍ରୀନ୍‌ହାଉସ୍ ଗ୍ୟାସ୍ ନିର୍ଗମନ ଯୋଗୁଁ ପୃଥିବୀର ବାୟୁମଣ୍ଡଳ କ୍ରମାଗତ ଭାବେ ଉତ୍ତପ୍ତ ହେବାରେ ଲାଗିଛି । ଏଥିସହିତ ଏଲ୍-ନିନୋ **(El Nio)** ପ୍ରଭାବ ଯୋଗୁଁ ବର୍ଷା କମିବା ଏବଂ ଗ୍ରୀଷ୍ମର ପ୍ରକୋପ ବଢ଼ିବା ସ୍ୱାଭାବିକ ହୋଇଯାଇଛି । ସହରାଞ୍ଚଳଗୁଡ଼ିକରେ 'ଅର୍ବାନ୍ ହିଟ୍ ଆଇଲ୍ୟାଣ୍ଡ' **(Urban Heat Island)** ବା ସହରାଞ୍ଚଳ ଉତ୍ତାପ ଦ୍ୱୀପ ପ୍ରଭାବ ଏହି ସମସ୍ୟାକୁ ଆହୁରି ସଙ୍ଗିନ କରିଦେଇଛି । ଗଛପତ୍ର କାଟି କଂକ୍ରିଟ୍ ଜଙ୍ଗଲ ସୃଷ୍ଟି କରିବା, ଜଳାଶୟଗୁଡ଼ିକୁ ପୋତି ଦେବା ଏବଂ ଏୟାର କଣ୍ଡିସନର ଅତ୍ୟଧିକ ବ୍ୟବହାର ଯୋଗୁଁ ସହରର ତାପମାତ୍ରା ଗ୍ରାମାଞ୍ଚଳ ତୁଳନାରେ ୩ ରୁ ୪ ଡିଗ୍ରୀ ଅଧିକ ରହୁଛି । ରାତିରେ ମଧ୍ୟ କଂକ୍ରିଟ୍ କୋଠାଗୁଡ଼ିକ ଉତ୍ତାପ ଛାଡୁଥିବାରୁ ଲୋକଙ୍କୁ ଟିକେ ବି ଆଶ୍ୱସ୍ତି ମିଳିପାରୁନାହିଁ । ଏହା ପ୍ରକୃତି ସହ ମଣିଷର ଅବିଚାରର ଏକ ଭୟଙ୍କର ପରିଣାମ।

ଗ୍ରୀଷ୍ମ ପ୍ରବାହ କେବଳ ଏକ ସ୍ୱାସ୍ଥ୍ୟଗତ ସମସ୍ୟା ନୁହେଁ, ଏହା ଦେଶର ଅର୍ଥନୀତି ଉପରେ ମଧ୍ୟ ଏକ ଶକ୍ତ ପ୍ରହାର । ଏକ ବିଶ୍ଳେଷଣାତ୍ମକ ତଥ୍ୟ ଅନୁଯାୟୀ, ୨୦୨୪ ମସିହାରେ କ୍ରମାଗତ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଭାରତରେ ଶ୍ରମିକମାନଙ୍କ କାର୍ଯ୍ୟକ୍ଷମତା ହ୍ରାସ ପାଇଥିଲା, ଯାହା ଫଳରେ ପ୍ରାୟ ୧୯୪ ବିଲିୟନ୍ ଡଲାରର ସମ୍ଭାବ୍ୟ ଆୟ କ୍ଷତି ହୋଇଥିଲା ଏବଂ ୨୪୭ ବିଲିୟନ୍ ଶ୍ରମ ଘଣ୍ଟା ନଷ୍ଟ ହୋଇଥିଲା । ଅର୍ଥନୀତିଜ୍ଞମାନଙ୍କ ଆକଳନ ଅନୁଯାୟୀ, ଯଦି ଏହିପରି ଭାବେ ତାପମାତ୍ରା ବୃଦ୍ଧି ପାଉଥାଏ, ତେବେ ୨୦୩୦ ମସିହା ସୁଦ୍ଧା ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୨.୫ ରୁ ୪.୫ ପ୍ରତିଶତ କ୍ଷତି ହୋଇପାରେ । କୃଷି କ୍ଷେତ୍ରରେ ଏହାର ପ୍ରଭାବ ସବୁଠାରୁ ଭୟଙ୍କର । ଅତ୍ୟଧିକ ଉତ୍ତାପ ଏବଂ ଅନିୟମିତ ବୃଷ୍ଟିପାତ ଯୋଗୁଁ ଫସଲ ଅମଳ ହ୍ରାସ ପାଉଛି, ଯାହା ଖାଦ୍ୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିବା ସହ ବଜାରରେ ଖାଦ୍ୟ ସାମଗ୍ରୀର ଦରଦାମ୍ ବୃଦ୍ଧି କରୁଛି । ନିର୍ମାଣ କାର୍ଯ୍ୟ, ରାସ୍ତାଘାଟ କାମ ଏବଂ ଅନ୍ୟାନ୍ୟ ଖୋଲା ଆକାଶ ତଳେ ହେଉଥିବା କାମ ବାଧାପ୍ରାପ୍ତ ହେଉଥିବାରୁ ଦୈନିକ ମଜୁରିଆମାନେ ସେମାନଙ୍କର ଜୀବିକା ହରାଉଛନ୍ତି ।

ଏହି ପ୍ରଚଣ୍ଡ ରୌଦ୍ରତାପ ଦେଶର ଶକ୍ତି କ୍ଷେତ୍ର ବା ବିଦ୍ୟୁତ୍ ବ୍ୟବସ୍ଥା ଉପରେ ମଧ୍ୟ ଅସମ୍ଭବ ଚାପ ପକାଉଛି । ତାପମାତ୍ରା ବଢ଼ିବା ସହିତ ଲୋକମାନେ ପଙ୍ଖା, କୁଲର୍ ଏବଂ ଏସିର ବ୍ୟବହାର ବଢ଼ାଉଛନ୍ତି, ଯାହା ଫଳରେ ବିଦ୍ୟୁତ୍ ଚାହିଦା ରେକର୍ଡ ସ୍ତରରେ ପହଞ୍ଚିଛି। ତଥ୍ୟ ଅନୁଯାୟୀ, ଏପ୍ରିଲ୍ ୨୦୨୬ରେ ଭାରତର ସର୍ବୋଚ୍ଚ ବିଦ୍ୟୁତ୍ ଚାହିଦା ୨୫୬ ଗିଗାୱାଟ୍ (ଏଡ) ଛୁଇଁଥିଲା, ଯାହାକି ପୂର୍ବ ବର୍ଷ ତୁଳନାରେ ପ୍ରାୟ ୮.୯ ପ୍ରତିଶତ ଅଧିକ। ଯଦିଓ ସୌର ଶକ୍ତି ଏବଂ ଅନ୍ୟାନ୍ୟ ନବୀକରଣଯୋଗ୍ୟ ଶକ୍ତି ଉତ୍ସଗୁଡ଼ିକ ଏହି ଚାହିଦାର ଏକ ବଡ଼ ଅଂଶ (ପ୍ରାୟ ୫୭ ଗିଗାୱାଟ୍) ପୂରଣ କରୁଛନ୍ତି, ତଥାପି ସନ୍ଧ୍ୟା ଏବଂ ରାତି ସମୟରେ କୋଇଲା ଭିତ୍ତିକ ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକ ଉପରେ ନିର୍ଭରଶୀଳତା ବଢ଼ୁଛି। ଅଧିକ କୋଇଲା ପୋଡ଼ିବା ଅର୍ଥ ଅଧିକ ଗ୍ରୀନ୍‌ହାଉସ୍ ଗ୍ୟାସ୍ ନିର୍ଗମନ, ଯାହା ପୁଣିଥରେ ତାପମାତ୍ରା ବୃଦ୍ଧିର କାରଣ ସାଜୁଛି । ଏହା ଏକ ଦୁଷ୍ଟଚକ୍ର ଭଳି କାମ କରୁଛି, ଯେଉଁଥିରୁ ମୁକୁଳିବା ପାଇଁ ଶକ୍ତି ସଂରକ୍ଷଣ ବ୍ୟବସ୍ଥା ଏବଂ ନବୀକରଣଯୋଗ୍ୟ ଶକ୍ତିର ଭିତ୍ତିଭୂମି ବିକାଶ ଉପରେ ବ୍ୟାପକ ପୁଞ୍ଜିନିବେଶର ଆବଶ୍ୟକତା ରହିଛି।

ଜନସ୍ୱାସ୍ଥ୍ୟ ଉପରେ ଗ୍ରୀଷ୍ମ ପ୍ରବାହର ପ୍ରଭାବ ଅତ୍ୟନ୍ତ ଚିନ୍ତାଜନକ। ବୟସ୍କ ବ୍ୟକ୍ତି, ଛୋଟ ପିଲା, ଗର୍ଭବତୀ ମହିଳା ଏବଂ ପୂର୍ବରୁ ରୋଗାକ୍ରାନ୍ତ ଥିବା ବ୍ୟକ୍ତିମାନେ ଏହି ସମୟରେ ସବୁଠାରୁ ଅଧିକ ବିପଦରେ ଥାଆନ୍ତି । ସରକାରୀ ଡାକ୍ତରଖାନାଗୁଡ଼ିକରେ ଡିହାଇଡ୍ରେସନ୍, ଝାଡ଼ାବାନ୍ତି ଏବଂ ହିଟ୍‌ଷ୍ଟ୍ରୋକ୍ ରୋଗୀଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଉଛି । ଅନେକ ସମୟରେ ଉପଯୁକ୍ତ ଚିକିତ୍ସା ଅଭାବରୁ ଅବା ସଚେତନତାର ଅଭାବରୁ ଅନେକ ମୂଲ୍ୟବାନ ଜୀବନ ଚାଲିଯାଉଛି। ସରକାରଙ୍କ ପକ୍ଷରୁ ପ୍ରତିବର୍ଷ 'ହିଟ୍ ଆକ୍ସନ୍ ପ୍ଲାନ୍' **(Heat Action Plan)** ପ୍ରସ୍ତୁତ କରାଯାଉଥିଲେ ମଧ୍ୟ ତୃଣମୂଳ ସ୍ତରରେ ଏହାର କାର୍ଯ୍ୟକାରିତା ଆଶାନୁରୂପ ହୋଇପାରୁନାହିଁ । ସ୍ଥାନୀୟ ପ୍ରଶାସନ ପାଖରେ ଉପଯୁକ୍ତ ପାଣ୍ଠି ଏବଂ ସମ୍ବଳର ଅଭାବ ଯୋଗୁଁ ଲୋକଙ୍କୁ ତୁରନ୍ତ ସହାୟତା ଯୋଗାଇବାରେ ବିଳମ୍ବ ହେଉଛି। ତେଣୁ ଜାତୀୟ ଏବଂ ରାଜ୍ୟ ସ୍ତରରେ ଥିବା ନୀତିଗୁଡ଼ିକୁ ପଞ୍ଚାୟତ ଏବଂ ୱାର୍ଡ ସ୍ତରରେ କଡ଼ାକଡ଼ି ଭାବେ ଲାଗୁ କରିବାର ଆବଶ୍ୟକତା ରହିଛି।

ଏହି ମହାସଙ୍କଟର ମୁକାବିଲା ପାଇଁ ଆମକୁ କେବଳ ସାମୟିକ ପ୍ରତିକାର ନୁହେଁ, ବରଂ ଦୀର୍ଘମିଆଦୀ ଏବଂ ସ୍ଥାୟୀ ସମାଧାନର ବାଟ ଖୋଜିବାକୁ ପଡ଼ିବ। ପ୍ରଥମତଃ, ସରକାର ଏବଂ ବେସରକାରୀ ସଂସ୍ଥାଗୁଡ଼ିକ ଶ୍ରମିକମାନଙ୍କ କାର୍ଯ୍ୟ ସମୟରେ ପରିବର୍ତ୍ତନ ଆଣିବା ଉଚିତ୍। ଖରାବେଳେ କାମ ବନ୍ଦ ରଖି ସକାଳ ଏବଂ ସନ୍ଧ୍ୟା ସମୟରେ କାମ କରିବାର ନିୟମକୁ କଡ଼ାକଡ଼ି ପାଳନ କରାଯିବା ଦରକାର। ଦ୍ୱିତୀୟତଃ, ସହରାଞ୍ଚଳ ଯୋଜନାରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ହେବ । ରାସ୍ତା କଡ଼ରେ ଅଧିକରୁ ଅଧିକ ଗଛ ଲଗାଇବା, ସହର ଭିତରେ ଥିବା ପୋଖରୀ ଓ ହ୍ରଦଗୁଡ଼ିକର ପୁନରୁଦ୍ଧାର କରିବା ଏବଂ କୋଠାଗୁଡ଼ିକର ଛାତ ଉପରେ ଧଳା ରଙ୍ଗ **(Cool roofs)** ଦେବା ଭଳି ପଦକ୍ଷେପ ଗ୍ରହଣ କଲେ ସହରର ତାପମାତ୍ରାକୁ କିଛି ମାତ୍ରାରେ ନିୟନ୍ତ୍ରଣ କରାଯାଇପାରିବ । ତୃତୀୟତଃ, ପାଣିପାଗ ବିଭାଗର ପୂର୍ବାନୁମାନ ବ୍ୟବସ୍ଥାକୁ ଆହୁରି ଉନ୍ନତ ଏବଂ ନିର୍ଭୁଲ କରିବା ସହ ଲୋକଙ୍କ ପାଖରେ ମୋବାଇଲ୍ ମେସେଜ୍ କିମ୍ବା ରେଡିଓ ମାଧ୍ୟମରେ ଆଗୁଆ ସତର୍କ ସୂଚନା ପହଞ୍ଚାଇବା ନିଶ୍ଚିତ କରିବାକୁ ପଡ଼ିବ । ଏହାଛଡ଼ା, ସାଧାରଣ ଜନତାଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା ନିହାତି ଜରୁରୀ, ଯେପରିକି ଖରାରେ ବାହାରକୁ ନବାହାରିବା, ପ୍ରଚୁର ପରିମାଣରେ ପାଣି ପିଇବା ଏବଂ ଓଆରଏସ୍ **(ORS)**ର ବ୍ୟବହାର କରିବା ଇତ୍ୟାଦି ।

ପରିଶେଷରେ ଏତିକି କୁହାଯାଇପାରେ ଯେ, ଆଇଏମଡି ପକ୍ଷରୁ ଜାରି କରାଯାଇଥିବା ଏହି ଗ୍ରୀଷ୍ମ ପ୍ରବାହ ସତର୍କ ସୂଚନା ଆମ ପାଇଁ ଏକ ଚେତାବନୀ । ପ୍ରକୃତି ଆମକୁ ବାରମ୍ବାର ସତର୍କ କରାଉଛି ଯେ, ଯଦି ଆମେ ବର୍ତ୍ତମାନଠାରୁ ପରିବେଶ ସୁରକ୍ଷା ପ୍ରତି ଯତ୍ନବାନ ନହେବା, ତେବେ ଆଗାମୀ ଦିନରେ ସ୍ଥିତି ଆହୁରି ଭୟାବହ ହେବ । ଜଳବାୟୁ ପରିବର୍ତ୍ତନ ଆଉ କୌଣସି ଭବିଷ୍ୟତର ଆଶଙ୍କା ନୁହେଁ, ବରଂ ଏହା ଆମର ବର୍ତ୍ତମାନର ବାସ୍ତବତା। ଏହା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ ଯେ ସେମାନେ ପରିବେଶ ଅନୁକୂଳ ଜୀବନଶୈଳୀ ଆପଣାଇବେ । ବିକାଶ ନାମରେ ପ୍ରକୃତିର ବିନାଶକୁ ରୋକିବାକୁ ପଡ଼ିବ । ଅର୍ଥନୈତିକ ପ୍ରଗତି ସହିତ ପରିବେଶର ସନ୍ତୁଳନ ରକ୍ଷା କରିପାରିଲେ ହିଁ ଆମେ ଏହି ଅଦୃଶ୍ୟ ମହାମାରୀ 'ଗ୍ରୀଷ୍ମ ପ୍ରବାହ' କବଳରୁ ନିଜକୁ ଏବଂ ଆମର ଆଗାମୀ ପିଢ଼ିକୁ ସୁରକ୍ଷିତ ରଖିପାରିବା ।

# ପେଟ୍ରୋଲିୟମ ଇନ୍ଧନର ଶେଷ ବିକଳ୍ପ ?

## ଡ଼ ମନୋଜ କୁମାର ମହାନ୍ତି

ବିଶ୍ୱ ଏକ ଘଡିସନ୍ଧି ମଧ୍ୟରେ ଗତି କରୁଛି। ଗତି କରିବା ସ୍ୱାଭାବିକ କଥା। ଏହା ସମୟର ପରୀକ୍ଷା କି ପରିଭାଷା ତାହା ଅସ୍ପଷ୍ଟ। କାରଣ ସମୟ ବଡ ବଳବାନ।ଶୈଶବକୁ ଦେଇଛି ଯୌବନ, ଯୌବନକୁ କରିଛି ବାର୍ଦ୍ଧକ୍ୟ ପୁଣି ଶେଷରେ ଜରାଜୀର୍ଣ୍ଣ କଙ୍କାଳର ରୂପ ଦେଇଛି ଶରୀରକୁ। ସବୁର ଅବକ୍ଷୟ, ଅବସାଦ, ଉନ୍ନତି ଓ ଅବନତିର କାରଣ ହେଉଛି ସମୟ। ମଣିଷର ସ୍ୱଭାବ ତଥା କାର୍ଯ୍ୟକଳାପର ଝଲକ ବୋଧହୁଏ ସମୟର ପ୍ରତିଫଳନ। ଯୁଗେଯୁଗେ ପୃଥିବୀଟା ଅଶାନ୍ତ। ପୃଥିବୀକୁ ଅଶାନ୍ତ କରିଛି ବୁଦ୍ଧିଜୀବୀ ମଣିଷ। ଯେବେ ସୁବୁଦ୍ଧି ଦୁର୍ବୁଦ୍ଧିର ରୂପନିଏ ସେବେ ନିଜ ଇଛାରେ ଜୀଇଁବାର ସ୍ୱପ୍ନରେ ବିଭୋର ମଣିଷ ହିଂସା, ଦ୍ୱନ୍ଦ ଓ ଯୁଦ୍ଧକୁ ହିଁ ଶେଷ୍ଠ୍ୱ କଳ୍ପ ଭାବେ। ବିନା ଯୁଦ୍ଧରେ ତା ସ୍ୱପ୍ନ ଅଧୁରା। ଏ ଯୁଦ୍ଧର ଅନ୍ତନାହିଁ ଯାହା ସମ୍ପୂର୍ଣ୍ଣ ଆମ ପରିକଳ୍ପନାର ବାହାରେ। କିଏ କାହାକୁ ବୁଝେଇବ, ପୁଣି କିଏ କଣ ବୁଝିବ ? ବୁଝିବା ପରିସ୍ଥିତିରେ କେହି ନାହାଁନ୍ତି। ନିଜକୁ ଶ୍ରେଷ୍ଠ ଶକ୍ତିଶାଳୀ ବିଚକ୍ଷଣ ପ୍ରତିଭାବାନ ଭାବନ୍ତି ସଭିଏଁ। ମିତ୍ରତାର ନକଲ ହସ ମଧ୍ୟରେ ଘୃଣା, ଶତ୍ରୁତା ଓ ହିଂସ୍ରତା ଲୁଚିରହି ବିଶ୍ୱରେ ଯୁଦ୍ଧଭଳି ବର୍ବରତା ସୃଷ୍ଟି ସହ ଆବଶ୍ୟକୀୟ ପଦାର୍ଥର ଅଭାବକୁ ବିଶ୍ୱ ବଜାରରେ ଅନୁଭବ କରାଉଛି। ତାର ପରିପୂରଣ ହେବ କିପରି ?

ବିଶ୍ୱରେ ଅନେକ ସଙ୍କଟ ମଧ୍ୟରୁ ପେଟ୍ରୋଲିୟମ ଇନ୍ଧନର ଯେଉଁ ସଙ୍କଟ ଦେଖିବାକୁ ମିଳିଛି ତାହା ଭାରତ ଭଳି ଦେଶପାଇଁ ଅତ୍ୟନ୍ତ ଚିନ୍ତାଜନକ ବିଷୟ। ଇରାନ ତଥା ଆରବ ଦେଶରୁ ଆସୁଥିବା ପେଟ୍ରୋଲିୟମ ଇନ୍ଧନ (ଅଶୋଧିତ ଖଣିଜତୈଳ) ସହ ଜଡ଼ିତ ଭାରତର ଶିଳ୍ପ ପ୍ରତିଷ୍ଠାନ, ଯାନବାହନ ଏବଂ ଅନ୍ୟାନ୍ୟ ଭାରୀ ଯନ୍ତ୍ରାଂଶର ପରିଚାଳନା।ପେଟ୍ରୋଲ,ଡିଜେଲ ଓ ସିଏନଜିର ଅତ୍ୟାବଶ୍ୟକ ସହ ଘରେଘରେ ରୋଷେଇପାଇଁ ଏଲପିଜି ଗ୍ୟାସର ଯେଉଁ ବ୍ୟାପକତା ତାର ଅଭାବର ଶେଷ ବିକଳ୍ପ କଣ ତାହା ହିଁ ଆଜିର ପ୍ରଶ୍ନ।ମଧ୍ୟପ୍ରାଚ୍ୟରେ ଆରମ୍ଭ ହୋଇଥିବା ଇରାନ-ଇସ୍ରାଏଲ ଯୁଦ୍ଧ ମଧ୍ୟରେ ଆମେରିକାର ହସ୍ତକ୍ଷେପ ସହ ନିଜକୁ ଇରାନର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ରୂପେ ଯୁଦ୍ଧକୁ ପ୍ରଲମ୍ବିତ କରାଇବା ଦ୍ୱାରା ଭାରତର ଯେଉଁ ବୃହତ୍ ସମସ୍ୟା ଓ ସଙ୍କଟ ମୁଣ୍ଡ ଟେକିଛି ତାର ସମାଧାନର ରାସ୍ତା ଖୋଜିପାଇବା ବଡ଼ କାଠିକର ପାଠ। ଏକ ରକମର କଷ୍ଟସାଧ। ଯଦିଓ ଆମେରିକା ଓ ରୁଷ ନିକଟରୁ ଅଶୋଧିତ ଖଣିଜ ତୈଳ ଆମଦାନୀ ସମ୍ଭବ କିନ୍ତୁ ଇରାନ ତଥା ଗଲ୍ଫ ଦେଶରୁ ଯେଉଁ ପରିମାଣରେ ନିଜ ବଜେଟ୍ ଅନୁସାରେ ଭାରତ ଆମଦାନୀ କରୁଥିଲା ତାଠାରୁ ଅଧିକ ଖର୍ଚ୍ଚ ଭାରତକୁ ବହନ କରିବାକୁ ପଡିବ ଋଷ ଓ ଆମେରିକା ନିକଟରୁ। ମଧ୍ୟପ୍ରାଚ୍ୟ ଯୁଦ୍ଧ ସକାଶେ ପେଟ୍ରୋଲ, ଡିଜେଲ ଓ ପ୍ରାକୃତିକ ଗ୍ୟାସ ଉତ୍ପାଦନରେ ଯେଉଁ ସମସ୍ୟା ଉପୁଜୁଛି ଏବଂ ଭାରତର ଚାହିଦା ପୂରଣରେ ଅସୁବିଧା ସୃଷ୍ଟି ହେବା ସ୍ୱାଭାବିକ କଥା। ଅପରପକ୍ଷେ ଇରାନର ଉତ୍ତରରେ ଅବସ୍ଥିତ ହର୍ମୁଜ ଜାହାଜ ପଥ ଯାହା ଉପରେ ଇରାନର କର୍ତ୍ତୃତ୍ୱ ରହିଛି ତାହା ଏକ ପ୍ରମୁଖ ସମସ୍ୟାରୂପେ ମୁଣ୍ଡ ଟେକିଛି। ବିଶ୍ୱରେ ପ୍ରମୁଖ ଖଣିଜ ତୈଳର ନୌବାଣିଜ୍ୟ ପରିବହନ କେନ୍ଦ୍ରରୂପେ ପରିଚିତ ହର୍ମୁଜକୁ ଇରାନର ସାମରିକ ବାହିନୀ ଦ୍ୱାରା ସମ୍ପୂର୍ଣ୍ଣ ଆୟତାଧିନ। ମଧ୍ୟପ୍ରାଚ୍ୟ ଯୁଦ୍ଧ ସକାଶେ ଆରବରୁ ଇରାନର ହର୍ମୁଜକୁ ବାଟଦେଇ ଜାହାଜ ପରିବହନରେ ଯେଉଁ ବାଧକ ସାଜିଛି ତାହା ବିଶ୍ୱପାଇଁ ଅଶୋଧିତ ପେଟ୍ରୋଲିୟମ ଇନ୍ଧନ ବିତରଣରେ ସଙ୍କଟ ସୃଷ୍ଟି କରିଛି । ତାର ପ୍ରଭାବ ଭାରତର ସାଧାରଣ ଜନତାଙ୍କୁ ବିଗତ କିଛି ଦିନ ହେବ ଭୋଗିବାକୁ ପଡୁଛି। ଆଗାମୀ ଦିନରେ ତାହା ନିସନ୍ଦେହର ଅଧିକ ଜଟିଳମୟ ପରିସ୍ଥିତି ସୃଷ୍ଟି କରିବ। ଜନବହୁଳ ଦେଶ ଭାରତରେ ରୋଷେଇ ସମସ୍ୟା କେତକାଂଶରେ ସମାଧାନ ହେଉଥିବା ସମୟରେ ଏବେ ଯେଉଁ ଗ୍ୟାସ ସମସ୍ୟା ଉତ୍କଟ ରୂପ ନେଇଛି ତାହା ଗ୍ୟାସ ବିତରଣ କେନ୍ଦ୍ରରେ ଦେଖାଯାଉଛି। ଗ୍ୟାସ ପାଇଁ ଖରାରେ ଘଣ୍ଟାଘଣ୍ଟା ଲମ୍ବା ଧାଡ଼ି ପରେ ଗୋଟେ ଗ୍ୟାସ ସିଲିଣ୍ଡର୍ ଯୋଗାଡ କରିବାକୁ ପଡୁଛି। ବାହାରେ କେତେ ଯାଗାରେ ଆଗଭଳି ଆଉ ପଚାଶ ଶହେଟଙ୍କା ଅଧିକରେ ମିଳୁନାହିଁ। ଯେଉଁଠି ବି ମିଳୁଛି ତାହା ପୁଣି ତିନିଗୁଣା ଦରରେ। ଗ୍ୟାସ ସମସ୍ୟା ସହ ପେଟ୍ରୋଲ,ଡିଜେଲ ତଥା ସିଏନଜିରେ ମଧ ସେଇ ସମସ୍ୟା। ଅଧିକାଂଶ ପେଟ୍ରୋଲ ପମ୍ପ ଅଳ୍ପ ସମୟ ଖୋଲାରଖି ମୋଟର ସାଇକେଲ ଚାଳକକୁ ଶହେରୁ ଦୁଇ ଶହ ଟଙ୍କାରେ ଏବଂ ଚାରି ଚକିଆ ଗାଡ଼ିକୁ ପାଞ୍ଚଶହରୁ ଏକ ହଜାରେ ମଧ୍ୟରେ ତେଲକୁ ସିମୀତ ବିକ୍ରି କରୁଛନ୍ତି। ଅଧିକାଂଶ ପଟେଲ ପମ୍ପ ବିଗତ କିଛିଦିନ ହେବ ନିୟମିତ ଆଗଭଳି ଖୋଲା ରହୁନି। ଦୀର୍ଘଦିନ ପରେ ତେଲ ଓ ଗ୍ୟାସର ଦର ମଧ ବୃଦ୍ଧି ଆଉ ଏକ ସମସ୍ୟା। ଭାରତ ଭଳି ଦେଶପାଇଁ ଖଣିଜ ତୈଳର ଚାହିଦା ଆକାଶଛୁଆଁ। ସେଭଳି ପରିସ୍ଥିତିରେ ତୈଳ ଓ ଗ୍ୟାସର ଯେଉଁ ସମସ୍ୟା ଉପୁଜୁଛି ତାର ସ୍ଥାୟୀ ସମାଧାନ କିଛି ସ୍ପଷ୍ଟ ଜଣା ପଡୁନାହିଁ। ଅନ୍ୟ ଉପରେ ନିର୍ଭର କରୁଥିବା ଦେଶର ଏଭଳି ପରିସ୍ଥିତିରେ ଆମେ କହାକୁ ଦୋଷ ଦେବା ? ସରକାରକୁ ନା ସାଧାରଣ ଜନତାଙ୍କୁ ? ପ୍ରତ୍ୟେକ ଦେଶ ଆତ୍ମନିର୍ଭରଶୀଳତାକୁ ଦୃଷ୍ଟିରେ ରଖି ଯଦି ନିଜପାଇଁ ଆବଶ୍ୟକୀୟ ପଦାର୍ଥର ଉତ୍ପାଦନକୁ ସଠିକ ଭାବରେ ଉତ୍ପାଦନ କରନ୍ତା ତେବେ ବିଶ୍ୱରେ ଅର୍ଥନୈତିକ ସଙ୍କଟ ସୃଷ୍ଟି ହୁଅନ୍ତା ନାହିଁ। କିନ୍ତୁ ଏହା ସମ୍ଭବ ନୁହେଁ। କାରଣ ପ୍ରାକୃତିକ ସଂଶାଧନର ମହଜୁଦ ଏବଂ ତାର ଆବଶ୍ୟକତା ଅନୁସାରେ ଉତ୍ପାଦନ ସବୁଠି ସମାନ ନୁହେଁ। ପ୍ରକୃତି କିଛି ନିର୍ଦ୍ଧିଷ୍ଟ ପ୍ରାକୃତିକ ପଦାର୍ଥକୁ ଏକ ନିର୍ଦ୍ଧିଷ୍ଟ ସ୍ଥାନରେ କେବଳ ଉପଲବ୍ଧି କରାଇଥାଏ। ଯେପରି ଆରବ ଦେଶରେ ପ୍ରାକୃତିକ ଗ୍ୟାସ ଓ ଖଣିଜ ତୈଳର ଭଣ୍ଡାର ରୂପେ ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ। ଯୁଦ୍ଧ ଲଗାଦାର ଲାଗି ରହିଲେ ତାହା ସାଧାରଣ ଜନତାଙ୍କ ପାଇଁ ଯେଉଁ ସମସ୍ୟା ସୃଷ୍ଣି କରେ ତାର ମୂଲ୍ୟାୟନ କରିବା ଅସମ୍ଭବ। ଧନଜୀବନ ମୃତାହତଠାରୁ ଆରମ୍ଭ କରି ଘରଦ୍ୱାର ଉଜୁଡ଼ିବା ସହ ପରିବେଶ ଉପରେ ଯେଉଁ କୁପ୍ରଭାବ ପକାଏ ତାର ସଠିକ୍ ଆକଳନ କରିହେବନି। ଭାରତ ଭଳି ଦେଶରେ ଜନସଂଖ୍ୟା ଯେଉଁ ଗତିରେ ବଢ଼ୁଚାଲିଛି ସେଇ ହିସାବରେ କଳକାରଖାନା ଦୃତିଗତିରେ ସ୍ଥାପନ ହୋଇଚାଲିଛି। କାରଣ ଦେଶର ସାଧାରଣ ଜନତାଙ୍କ ଆବଶ୍ୟକତାର ପରିପୂରଣ କରିବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ। ଖାଦ୍ୟ ପ୍ରସ୍ତୁତିରୁ କଳକାରଖାନା ଚଳଚଞ୍ଚଳ ପର୍ଯ୍ୟନ୍ତ ସବୁଠି ପେଟ୍ରୋଲିୟମ ଇନ୍ଧନର ଗୁରୁତ୍ୱକୁ କୌଣସି ଦୃଷ୍ଟିକୋଣରୁ ବାଦ ଦେଇହେବନି। ଡିଜେଲ୍, ପେଟ୍ରୋଲ ଏବଂ ସିଏନଜି ବିନା ପରିବହନର ପରିଚୟ ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ। ଅବଶ୍ୟ ରେଳପରିବହନ କ୍ଷେତ୍ରରେ ବିଦ୍ୟୁତ ଇନ୍ଧନ ଉପଲବ୍ଧି ଏକପ୍ରକାର ଆଶ୍ୱସ୍ତିଜନକ। କିନ୍ତୁ ଜାତୀୟପଥରେ ଉଭୟ ମାଲ ଓ ଯାତ୍ରୀ ପରିବହନ ଏକ ବୃହତ ସମସ୍ୟା। ହାତ ଗଣତିରେ ହାଲୁକା ମୋଟର କାର ଓ କେତୋଟି ବାଇକ ବିଦ୍ୟୁତକୁ ଇନ୍ଧନ କରି ଯାତାୟାତର ମାଧ୍ୟମ ସାଜିଛି। ଆଜିର ଦିନରେ ଯେଉଁ ପେଟ୍ରୋଲିୟମ ଇନ୍ଧନକୁ ନେଇ ସମସ୍ୟା ଉପୁଜୁଛି ତାହା ଆଗାମୀ ଦିନରେ ଆହୁରି ଭୟଙ୍କର ନହେବ କାହିଁକି ? କାରଣ ଘରେଘରେ ଦୁଇତିନି ବାଇକ୍ ସହ ମୋଟର କାର ଯେଉଁଭଳି ବ୍ୟାପକ କ୍ରୟସହ ବ୍ୟବହାର କରାଯାଉଛି ତାହା ଇନ୍ଧନ ସଙ୍କଟକୁ ଡାକି ଆଣୁଛି। ସରକାର ନେତାମନ୍ତ୍ରୀ ତଥା ଉଚ୍ଚପଦସ୍ଥ ଅଧିକାରୀଙ୍କ ଯାତାୟାତରେ କୌଣସି ବାଧା ଉପୁଜୁ ନାହିଁ କାରଣ ପେଟ୍ରୋଲିୟମ ଇନ୍ଧନର ଆମଦାନୀରେ କୌଣସି ପ୍ରତିବନ୍ଧକ ସୃଷ୍ଟି ହୋଇନଥିବାରୁ। କିନ୍ତୁ ମଧ୍ୟପ୍ରାଚୀର ଯୁଦ୍ଧକୁ କିଏ ଏଡେଇବ। ଦ୍ୱିତୀୟରେ ଯଦି ବିଦ୍ୟୁତକୁ ଇନ୍ଧନର ରୂପେ ଗ୍ରହଣ କରାଯାଏ ତେବେ ଆମକୁ ପର୍ଯ୍ୟାପ୍ତ ପରିମାଣରେ ବିଦ୍ୟୁତ୍ ଉତ୍ପାଦନ କରିବାକୁ ପଡିବ। ସେଥିପାଇଁ ପାୱାର ପ୍ଲାଣ୍ଟ ସ୍ଥାପନ କରିବା ସହ ସେଥିପାଇଁ ପ୍ରଚୁର ମାତ୍ରାରେ ଅବଶ୍ୟକ କଞ୍ଚାମାଲ ସଂଗ୍ରହ କରିବାକୁ ପଡିବ। ଚବିଶ ଘଣ୍ଟା ବିଦ୍ୟୁତ ଯୋଗାଇବା ଏକ ବଡ଼ କାଠିକର ପାଠ। ଓଡିଶା ଭଳି ସ୍ଥାନରେ ବିଦ୍ୟୁତକାଟ ଏକ ବୃହତ ସମସ୍ୟା। ବନ୍ୟା,ବାତ୍ୟା ଭଳି ପ୍ରାକୃତିକ ଘଟଣାରୁ ଅଧିକାଂଶ ସମୟରେ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହେଉଛି। ସେ କ୍ଷେତ୍ରରେ ବିଦ୍ୟୁତ୍ ଏକ ଉପଯୁକ୍ତ ଇନ୍ଧନ ଭାବେ ଗ୍ରହଣ ଯୋଗ୍ୟ ନୁହେଁ। ଇଥେନ ଭଳି ଜୈବିକ ଗ୍ୟାସ ସଂଗ୍ରହ ଏବଂ ଭାରତ ଭଳି ଦେଶରେ ତାର ଆ୍ୱଶ୍ୟକତା ପରିପୂରଣ କରିବାର କେତେ ସକ୍ଷମ ତାହା ଇ-ପେଟ୍ରୋଲ ମାଧ୍ୟମରେ ଆଗମୀ ଦିନରେ ଜଣା ପଡ଼ିବ। ପ୍ରକୃତିର ଶ୍ରେଷ୍ଠ ଇନ୍ଧନଭାବେ ସୌର ଇନ୍ଧନ ହିଁ ଆଗାମୀ ଦିନର ଶେଷ ବିକଳ୍ପ ହୋଇପାରେ। ଯଦି ସୌରଶକ୍ତିକୁ ଉପଯୁକ୍ତ ମାର୍ଗରେ ବ୍ୟବହାର କରାଯାଇ ବିଦ୍ୟୁତ ଇନ୍ଧନ ପ୍ରସ୍ତୁତ କରାଗଲେ ହିଁ ପେଟ୍ରୋଲିୟମ ଇନ୍ଧନର ଆବଶ୍ୟକତାକୁ ସଂପୂର୍ଣ୍ଣ ଭାବରେ ପରିପୂରଣ କରିବାର କୌଣସି ଆସୁବିଧା ଉପୁଜିବ ନାହିଁ। କାରଣ ସକଳ ଶକ୍ତିର ଆଧାର ସୂର୍ଯ୍ୟ କିରଣ କେଉଁ ଏକ ନିର୍ଦ୍ଧିଷ୍ଟ ଭୂଖଣ୍ଡରେ ଉଦୟ କିମ୍ବା ଅସ୍ତ ହୋଇ ତା କିରଣ ସେଇ ନିର୍ଦ୍ଧିଷ୍ଟ ଅଞ୍ଚଳରେ ଗଚ୍ଛିତ ହୁଏନାହିଁ। ଦ୍ୱିତୀୟରେ ସୂର୍ଯ୍ୟକିରଣ ଉପରେ ନା କାହାର ପ୍ରତିବନ୍ଧକ ଅଛି, ନା ତା ଉପରେ କେହି କଟକଣା ଲାଗୁ କରିପାରିବେ। ଯେମିତ ସୂର୍ଯ୍ୟର ଉପସ୍ଥିତ ଆମ ସମସ୍ତ ଜୀବଜନ୍ତୁ, କୀଟପତଙ୍ଗ, ପ୍ରାଣୀଉଦ୍ଭିଦଙ୍କ ମଧ୍ୟରେ ଏକ ଉର୍ଜା ସୃଷ୍ଟି କରେ। ଯେଉଁ ସୂର୍ଯ୍ୟ ଜୀଇଁବାର ମୁଖ୍ୟଉତ୍ସଭାବେ କେଉଁ ଅନାଦିକାଳରୁ ପ୍ରକୃତି ମାଧ୍ୟମରେ ନିଜର ଉପସ୍ଥିତିକୁ ବିଶ୍ୱକଲ୍ୟାଣ ଉଦ୍ଦେଶ୍ୟରେ ସମର୍ପିତ କରିଛି ସେଇ ସୌରଶକ୍ତିକୁ ଇନ୍ଧନର ଶେଷ ବିକଳ୍ପରୂପେ ବିଶ୍ୱ ଗ୍ରହଣ କରି ତାର ସଦୁପଯୋଗ କରାଗଲେ ତାହା ଇନ୍ଧନ ସଙ୍କଟକୁ ଏଡେଇ ପାରିବ।

+ଦର୍ଶନ ବିଭାଗ ମୁଖ୍ୟ,
ବିଏନଏମଏ ମହାବିଦ୍ୟାଳୟ,
ଭଦ୍ରକ,
ମୋ: ୮୮୯୫୩୪୧୦୩୩

# କକରୋଚ ଜନତା ପାର୍ଟି



## ମାନସ ରଞ୍ଜନ ପ୍ରଧାନ

ବାସ୍ତବତାର ଆଇନା ଭାରତର ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଶର୍ମା ଏକ ବିବାଦୀୟ ମତ ଦିଅନ୍ତି ୧୫ ମେ ୨୦୨୬ରେ । ସେ କୁହନ୍ତି ଯେ କିଛି ବେକାର ଯୁବକ "କକରୋଚ୍" ଓ "ସମାଜର ପରଜୀବୀ" ପରି। ଏହି କଥା ଯୁବ ସମାଜ ମଧ୍ୟରେ ବିପୁଳ ଅସନ୍ତୋଷ ସୃଷ୍ଟି କରେ। ତା' ପରେ ଯାହା ହୁଏ ତାହା ଆଜି ଆପଣମାନଙ୍କ ସାମ୍ନାରେ । ଚିଫ ଜଷ୍ଟିସଙ୍କ କଥାରୁ ଆରମ୍ଭ ହୁଏ 'କକରୋଚ ଜନତା ପାର୍ଟି' ।

କକରୋଚ୍ ଜନତା ପାର୍ଟି ହେଉଛି ଏକ ବ୍ୟଙ୍ଗାତ୍ମକ ଭାରତୀୟ ରାଜନୈତିକ ଆନ୍ଦୋଳନ । ଯାହା ୧୬ ମେ ୨୦୨୬ରେ ଅଭିଜିତ୍ ଦୀପକେଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା। ସେ ବୋଷ୍ଟନ ୟୁନିଭର୍ସିଟିର ଜଣେ ଛାତ୍ର ଏବଂ ପୂର୍ବରୁ ଆମ ଆଦମୀ ପାର୍ଟି ସହ ମଧ୍ୟ କାମ କରି ସାରିଛନ୍ତି। ଅଭିଜିତଙ୍କୁ ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶଙ୍କ କଥା ବହୁତ୍ ବାଧିଥିଲା ଓ ସେ ସୋସିଆଲ ମିଡ଼ିଆ ମାଧ୍ୟମରେ ଗୋଟିଏ ଅଦ୍ଭୁତ ପାର୍ଟିର ପରିକଳ୍ପନା କରିଥିଲେ ଯାହା

**X (Twitter)**ରେ "ସମସ୍ତ କକରୋଚ୍‌ମାନଙ୍କ ପାଇଁ ଏକ ମଞ୍ଚ" ବୋଲି ସେ ଘୋଷଣା କରିଥିଲେ। ପାର୍ଟିର ସ୍ଲୋଗାନ ଥିଲା -**"Voice of the Lazy & Unemployed"** ଅର୍ଥାତ "ଆଳସୀ ଓ ବେକାରୀଙ୍କର କଣ୍ଠସ୍ୱର"। ମାତ୍ର କିଛି ଦିନ ମଧ୍ୟରେ ସିଜେପି **(CJP)** ବିଶାଳ ଲୋକପ୍ରିୟତା ଲାଭ କରିଛି । ପ୍ରାୟ ୭ ଲକ୍ଷରୁ ଅଧିକ ଲୋକ ଅନଲାଇନ୍ ରେ ଏହି ପାର୍ଟିରେ ଯୋଗ ଦେଇ ସାରିଛନ୍ତି । ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମରେ ୧୭ ମିଲିୟନ୍ ଫଲୋଅର୍ସ ରହିଛି ଏହି ପାର୍ଟିର । ଏକ୍ସର (ପୂର୍ବର ଟ୍ୱିଟର) ରେ ୨ ଲକ୍ଷରୁ ଅଧିକ ଫଲୋଅର୍ସ ସାମିଲ ହୋଇଇଛନ୍ତି କକ୍ରୋଚ ଜନତା ଦଳରେ । କିଛି ସମୟ ମଧ୍ୟରେ ଏହା ବିଜେପି ଓ କଂଗ୍ରେସର ଅଫିସିଆଲ୍ ସୋସିଆଲ୍ ମିଡିଆ ହ୍ୟାଣ୍ଡଲ୍‌କୁ ମଧ୍ୟ ଅତିକ୍ରମ କରି ସମସ୍ତଙ୍କୁ ଆଚମ୍ବିତ କରି ଦେଇଛି । ବର୍ତ୍ତମାନ ଭାରତର ଲକ୍ଷ ଲକ୍ଷ ଯୁବକ କକ ରୋଚ୍ ପୋଷାକ ପିନ୍ଧି ପ୍ରତିବାଦ, ରାଲି ଏବଂ ସଫେଇ ଅଭିଯାନରେ ଭାଗ ନେଉଛନ୍ତି। ଯାହା ଆଗାମୀ ଦିନରେ ଭାରତରେ ଗୋଟିଏ ବୈପ୍ଲବିକ ପରିବର୍ତ୍ତନ ମଧ୍ୟ ଆଣିପାରେ। ତେବେ କେମିତି ?

ସିଜେପି ର ନିର୍ବାଚନ ଘୋଷଣା ପତ୍ର ମଧ୍ୟ ବେଶ୍ ରୋଚକ । ଯେଉଁଥିରେ ବାସ୍ତବତାର ଛବିକୁ ଦର୍ପଣରେ ପ୍ରତିଫଳିତ କରାଯାଇଛି । ପ୍ରକାଶ ଥାଉ ଯେ ଭାରତରେ ଗ୍ରାଜୁଏଟ୍ ବେକାରି ହାର ପ୍ରାୟ ୨୯.୧%। ପ୍ରତିବର୍ଷ ୮ ମିଲିୟନ୍‌ରୁ ଅଧିକ ଛାତ୍ର ପାସ୍ କରୁଛନ୍ତି, କିନ୍ତୁ ଚାକିରି ଯଥେଷ୍ଟ ନାହିଁ।

ସିଜେପିର ସଦସ୍ୟତା ନିୟମରେ ଲେଖାଯାଇଥିଲା - "ବେକାର ହେବା ଦରକାର, ଚାହିଁଲେ ବାଧ୍ୟ ହୋଇ କିମ୍ବା ନୀତିଗତ ଭାବରେ।" ନିଟ ପରୀକ୍ଷା ପେପର୍ ଲିକ୍ ପରେ ସାରା ଦେଶରେ ପ୍ରତିବାଦ ଜୋରଦାର ହୋଇଥିଲା। ସିଜେପି **"Haan Main Hoon Cockroach"** ନାମର ଏକ ପ୍ରତିବାଦୀ ଗୀତ ରିଲିଜ୍ କରିଥିଲା, ଯେଉଁଥିରେ ଛାତ୍ରଛାତ୍ରୀଙ୍କର ରୋଷ ଓ ଚାପକୁ ଦର୍ଶା ଯାଇଥିଲା। ପାର୍ଟି କହିଥିଲା ଯେ ସେମାନେ ନିଟ ଓ ସିବିଏସଇ ପରୀକ୍ଷା ଦୁର୍ନୀତିର ଶିକାର ପରୀକ୍ଷାର୍ଥୀଙ୍କ ସହ ଅଛନ୍ତି। ତାହା ସହ ଭାରତୀୟ ଅର୍ଥନୀତି କେବଳ କିଛି ଶିଳ୍ପପତିଙ୍କ ପାଇଁ କାମ କରୁଛି। ଗୌତମ ଆଦାନୀ ଏବଂ ମୁକେଶ ଅମ୍ବାନୀଙ୍କ ନାମ ନେଇ ଉଲ୍ଲେଖ କରି ଦଳ ମିଡିଆ ଲାଇସେନ୍ସ ରଦ୍ଦ କରିବା ଓ ଗୋଦି ମିଡ଼ିଆ ବିରୋଧରେ ଗର୍ଜିଥିଲା। କହିରଖୁ ପ୍ରଶାନ୍ତ ଭୂଷଣ ମଧ୍ୟ ଏହି ଆନ୍ଦୋଳନକୁ ସମର୍ଥନ କରିଛନ୍ତି। ସେପଟେ ନ୍ୟାୟପାଳିକା ଓ ପଦବୀ ବିବାଦକୁ ନେଇ ସିଜେପିର ପ୍ରଥମ ଦାବି ଥିଲା ଯେ ଅବସରପ୍ରାପ୍ତ ମୁଖ୍ୟ ବିଚାରପତିମାନଙ୍କୁ ରାଜ୍ୟସଭା ସଦସ୍ୟତା ଦିଆଯିବ ନାହିଁ। ପୂର୍ବତନ ସିଜେଆଇ ରଞ୍ଜନ ଗୋଗୋଇଙ୍କୁ ଅବସର ପରେ ରାଜ୍ୟସଭାକୁ ପଠାଯାଇଥିବା ଘଟଣାକୁ ନେଇ ବହୁ ଆଲୋଚନା ହୋଇଥିଲା। ବର୍ତ୍ତମାନ ସିଜେଆଇ ଆର. ଗଭାଇ ମଧ୍ୟ କହିଥିଲେ ଯେ ଏପରି ପଦବୀ ନ୍ୟାୟପାଳିକାର ସ୍ୱାଧୀନତା ଉପରେ ସନ୍ଦେହ ସୃଷ୍ଟି କରିପାରେ।

କକରୋଚ୍ ଜନତା ପାର୍ଟି ଏକ ବ୍ୟଙ୍ଗାତ୍ମକ ଆନ୍ଦୋଳନ ହେଲେ ମଧ୍ୟ ଏହା ଭାରତର ଯୁବ ସମାଜର ବେକାରି, ପରୀକ୍ଷା ଦୁର୍ନୀତି, ସୋସିଆଲ୍ ମିଡିଆ ରାଜନୀତି, ଧନୀ-ଗରିବ ଅସମାନତା ପ୍ରତି ଅସନ୍ତୋଷକୁ ଜୋରଦାର ଭାବରେ ପ୍ରକାଶ କରିଛି। ଏହା ହାସ୍ୟ ଓ ବ୍ୟଙ୍ଗ ମାଧ୍ୟମରେ ଯୁବମାନଙ୍କର କ୍ରୋଧକୁ ରାଜନୈତିକ ଆକାର ଦେଇଥିବା ଏକ ନୂତନ ପ୍ରୟାସ ଭାବେ ଦେଖାଯାଉଛି। ଯାହା ଆଗାମୀ ଦିନରେ ଏକ ଉତ୍ତମ ଦେଶର ମୂଳଦୁଆ ଭାବରେ ଉଭା ହୋଇପାରେ । ତାହା ପୁଣି ବ୍ୟଙ୍ଗାତ୍ମକ ଭାବରେ ବିନା ନିର୍ବାଚନ ଲଢ଼ି ।

କକରୋଚ ଜନତା ପାର୍ଟିର ସମର୍ଥକମାନେ କହିପାରିବେ ଯେ ଏହି ଦଳର ସବୁଠାରୁ ବଡ଼ ଶକ୍ତି ହେଉଛି ଏହାର ଟିକି ରହିବାର କ୍ଷମତା। ଯେପରି କକରୋଚ ବହୁତ କଠିନ ପରିସ୍ଥିତିରେ ମଧ୍ୟ ବଞ୍ଚିଥାଏ, ସେପରି ଏହି ଦଳ ମଧ୍ୟ ରାଜନୈତିକ ସଙ୍କଟ, ବିରୋଧୀଙ୍କ ଆକ୍ରମଣ ଓ ନିର୍ବାଚନୀ ପରାଜୟ ସତ୍ତ୍ୱେ ନିଜକୁ ରକ୍ଷା କରିପାରେ। ତାହା ସହ ବାସ୍ତବତାର ଆଇନା ମାଧ୍ୟମରେ ସମାଜକୁ ଏକ ନୂଆ ଦିଗ ଦେଇ ବିକଶିତ ଦେଶ ଗଠନରେ ବଡ଼ ଭୂମିକା ତୁଲାଇ ପାରେ । ସାଧାରଣ ଲୋକଙ୍କ ସହ ସମ୍ପର୍କ ରଖି ଲୋକତନ୍ତ୍ରର ମୂଳ ଆଧାରକୁ ଆହୁରି ଶକ୍ତିଶାଳୀ କରିପାରେ ଆଗାମୀ ଦିନରେ ଏହି ଦଳ।

+ ଭୁବନେଶ୍ୱର
ମୋ: ୯୩୩୭୩୫୫୬୫୮




## କାନଫୁଲ

### ଡ. ଶୁଭେନ୍ଦୁ ମେହେର

କାନଫୁଲ କେବଳ
ସୁନାର ଗହଣା ନୁହେଁ !
କାନର ପାଖୁଡ଼ାରେ ସ୍ମୃତିର ସୂତାରେ
ଗୁନ୍ଥା ହୋଇଥିବା ଗୋଟିଏ ଅତୀତର
ଦସ୍ତାବିଜ ।
ଯେବେ, ବୋଉ
ନିଜ କାନରୁ ଖୋଲି
ଝିଅ କାନରେ ପିନ୍ଧାଇଦିଏ,
ସେତେବେଳେ କାନଫୁଲ ଦିଏ ଜନ୍ମ
ଜନ୍ମର ଆଶୀର୍ବାଦ,
ମାଆଘରର ଶେଷ ସୁଗନ୍ଧ,
ଆଉ କହି ନ ପାରୁଥିବା
ହଜାରେ କଥା।
କାନଫୁଲ କଥା କହେନା,
ହେଲେ ସବୁ ଶୁଣେ
ସେ' ଶୁଣେ ନବ ବଧୂର
ଲାଜଭରା ନିଶ୍ୱାସ,
ବିଦାୟ ବେଳର ଲୁହଭିଜା ବିଳାପ,
ସନ୍ଧ୍ୟାବେଳେ ପିଲାଙ୍କ ହସ,
ଆଉ ନିଃସଙ୍ଗ ରାତିର ଦୀର୍ଘଶ୍ୱାସ !
ତା' ସୁନା ଦେହରେ ଲାଗିଥାଏ
ହଳଦୀ ଲଗା ହାତର ସ୍ପର୍ଶ,
ସିନ୍ଦୂର ପିନ୍ଧା କପାଳର ଉଷ୍ଣତା,
ଆଉ ଆରତୀ ଦୀପର ଆଲୁଅର ପ୍ରତିବିମ୍ବ
କାନଫୁଲ ହିଁ ଜୀବନର ଶ୍ରୁତିଲିପି ।
ଗାଁ ବୁଢ଼ୀର କାନରେ ଝୁଲୁଥିବା କାନଫୁଲ
ଆଉ ଚକ୍ ଚକ୍ କରୁନି
ତା' ଉପରେ ପଡିଛି ସମୟର କଳା ଦାଗ,
ତଥାପି ସେ' ତାକୁ ଖୋଲୁନି ।
କାରଣ ସେ' ଜାଣେ,
ସେଇ କାନଫୁଲରେ ବନ୍ଧାଅଛି
ତା' ଯୁବା ବୟସର ପ୍ରଥମ ଚାହାଣି,
ତା' ସ୍ୱାମୀର ଶେଷ ଛୁଆଁ,
ଆଉ ତା' ପିଲାଦିନର ଖିଲିଖିଲି ହସ ।
ସେ' କାନଫୁଲ
କେବଳ ସୁନାରେ ନୁହେଁ,
ଧୈର୍ଯ୍ୟରେ ଗଢା ହୋଇଥିବ,
ମମତାରେ ପଲିସ ହୋଇଥିବ,
ଆଉ ନୀରବତାରେ ଝଲସୁଥିବ ।
ଦୁନିଆଁରେ କହିବା ଲୋକ
ଅନେକ ଅଛନ୍ତି,
ହେଲେ ଶୁଣିବା ଲୋକ ବହୁତ କମ୍ ।
ଯିଏ ଶୁଣିପାରେ,
ସେ' ହିଁ ପ୍ରକୃତ ଅଳଙ୍କାର ପିନ୍ଧେ ।
ହେ ପ୍ରିୟା,
ତୁମକୁ ହୀରା ମୋତି ଦେଇପାରିବିନି,
ହେଲେ ମୁଁ ତୁମକୁ ଦେବି
ମୋ'ର କାନ।
ତୁମେ ଯାହା କହିବ,
ସବୁ ସେଇଠି ରହିବ,
ଖୁସିର କଥା ହେଉ
କି ଦୁଃଖର ଗୀତ ହେଉ ।
ମୁଁ ହୋଇଯିବି ତୁମର
ଜୀବନ୍ତ କାନଫୁଲ,
ଯିଏ କେବେ ପୁରୁଣା ହେବନି,
କେବେ ଖସିବନି,
ଆଉ ତୁମର ପ୍ରତିଟି କଥାକୁ
ହୃଦୟରେ ସାଇତି ରଖିବ ।
ସବୁଠାରୁ ସୁନ୍ଦର କାନଫୁଲ
ସେଇଟା ହେବ,
ଯାହା କାନରେ ନୁହେଁ,
ମନରେ ଝୁଲେ ।।

+ଯାଲୋଏ, ସୁବର୍ଣ୍ଣପୁର
ମୋ -୯୯୩୮୪୩୩୬୬୪

## ଅଧୁରା କାହାଣୀ

### ସିଦ୍ଧେଶ୍ୱର ତ୍ରିପାଠୀ

ଯେଉଁ ନାଟକର ଅଧୁରା କାହାଣୀ
ସେ ନାଟକ କାଇଁ ହୁଏ ଲେଖା
ଯେଉଁ ଚରିତ୍ରଟା ହାତ ଛାଡିଦିଏ
ତା ସାଥିରେ କାଇଁ ହୁଏ ଦେଖା ।

ଏକା ଏକା ଏଇ ଜୀବନର ବାଟ
ଥକିଯାଏ ପାଦ ଚାଲି ଚାଲି
ମିଛ ସମ୍ପର୍କକୁ ନିଜର ଭାବିସେ
ପାରେନି ମନରୁ ଜମା ଭୁଲି ।

ଆହେନାଟ୍ୟକାର କାଳିଆ ଠାକୁର
ତୁମେ କରିଦେଲ ସବୁ ଫିକା
ଯେଉଁ ନାଟକର ଅଧୁରା କାହାଣୀ
ସେ ନାଟକ କାଇଁ ହୁଏ ଲେଖା ।

ଯେଉଁ ସଂଳାପରେ ସମ୍ପର୍କ ତୁଟଇ
ଭାଙ୍ଗିଯାଏ ପୁଣି କେତେମନ
କାହିଁକି ଯୋଡିଲ ଏମିତିକା କଥା
କୁହ କୁହମୋ କାଳିଆ ଧନ ।

ତୁମ ନିର୍ଦ୍ଦେଶନା ଦିଅଇ ଯନ୍ତ୍ରଣା
ଚାଲିବାକୁ ହୁଏ ଏକା ଏକା
ଯେଉଁ ନାଟକର ଅଧୁରା କାହାଣୀ
ସେ ନାଟକ କାଇଁ ହୁଏ ଲେଖା ।



# କୁହୁକ ବଗିଚା



## ନଗେନ୍ଦ୍ର ନାଥ ପଟ୍ଟନାୟକ

ଥରକର କଥା, ଗୋଟାଏ ଛୋଟିଆ ଗାଁରେ ଜଣେ କୌତୂହଳୀ ପିଲା ଥିଲା। ନାମ ତା'ର କୁଶାଗ୍ର । ବାପା ମାଆଙ୍କ ସାଙ୍ଗରେ ରହୁଥିଲା। ଚାଲକ ଚତୁର ଆଉ ମେଧାବୀ। ମୁଣ୍ଡରେ ମୁଣ୍ଡିଏ ବୁଦ୍ଧି। ନୂଆନୂଆ ଚିଜ ଶିଖିବାକୁ ଖୁବ୍ ପସନ୍ଦ କରୁଥିଲା। ନୂଆକରି କିଛି ଗୋଟେ ଜିନିଷ ଉପରେ ନଜର ପଡିଲେ ତା'ବିଷୟରେ ଜାଣିବାପାଇଁ ଆଗ୍ରହ କରୁଥିଲା ପିଲାଟି ।

ବାଳକଟି ଦିନେ ଗାଁ ଧାରରେ ଥିବା ଜଙ୍ଗଲରେ ଖେଳୁଥାଏ। ସେତିକିବେଳେ ତା'ର ତୀକ୍ଷଣ ନଜର ଲାଖିଗଲା ଚକ୍‌ମକ୍ କରୁଥିବା ଆଖିଝଲସା ଗୋଟିଏ କୁହୁକ ଚାବିଟି ଉପରେ।



ବାଳକ କୁଶାଗ୍ର ଭାବିଲା: ଏ ଚାବିଟା ବୋଧହୁଏ କୌଣସି ଚିଜର ହୋଇପାରେ । ମନରେ ତା'ର ଉତ୍କଣ୍ଠା ବଢିବାକୁ ଲାଗିଲା । ଅତିଶୟ ଉତ୍ସାହ ଭରିଗଲା ତା' ମନରେ । ସଙ୍ଗେ ସଙ୍ଗେ ଚାବିଟା ଧରି ସେ ଆଗେଇ ଚାଲିଲା ଘଞ୍ଚ ଜଙ୍ଗଲ ଭିତର ଆଡ଼ିକି । ଖୋଜେ ବାଟ ଗଲାପରେ ତା' ଦୃଷ୍ଟି ସ୍ଥିର ହୋଇଗଲା ବନ୍ଦ ହୋଇଥିବା ଗୋଟାଏ ପୁରୁଣା ଘଷରା ଓ ଧଡଡା ଦରଜା ଉପରେ। ଦରଜାଟି ଗଛମଝିରେ ଲୁଚି ରହିଥିଲା । କୁଶାଗ୍ର ଆସ୍ତେକିନା ନିଶବ୍ଦରେ ଚାବିଟି ସେଇ କୋଲପରେ ଲଗେଇଲା। କି ଚମତ୍କାର ! ଦରଜାଟି ଧଡାସ୍‌କିନା ଫିଟିଗଲା । ଭିତରେ ଗୋଟାଏ କୁହୁକ ବଗିଚା ଥିଲା ; ଆଉ ସେଇଠି ହରେକ ରଙ୍ଗର ଫୁଲ ଫୁଟିଥିଲା । ଗଛମାନେ ପରସ୍ପର ଭିତରେ କଥାବାର୍ତ୍ତା କରୁଥିଲେ । ଠିକ୍ ସେତିକିବେଳେ ବୁଢ଼ା ଗଛଟିଏ ମୁରୁକେଇ ମୁରୁକେଇ ହସି କହିଲା: ସ୍ୱାଗତମ୍ କୁଶାଗ୍ର। ଏଟା ହେଉଛି ଜ୍ଞାନର ବଗିଚା । ଏଇଠି ପ୍ରତ୍ୟେକ ପ୍ରଶ୍ନର ଉତ୍ତର ମିଳିଯାଏ । କେତେଗୁଡ଼େ ପ୍ରଶ୍ନ ପଚାରିଲା କୁଶାଗ୍ର: ଆକାଶ ନେଳିଆ କାଇଁକି ? ଚଢ଼େଇମାନେ କେମିତି ଉଡ଼ାଣ ଭରନ୍ତି । ଆଉ ଗଛ ଆମକୁ ଅମ୍ଳଜାନ ଦିଏ କେମିତି ? ଗଛଟି ତା'ର ପ୍ରତିଟି ପ୍ରଶ୍ନର ଉତ୍ତର ମଜାଳିଆ ଢଙ୍ଗରେ ଦେଉଥାଏ । ବେଳ ରତରତ। ମାଛିଅନ୍ଧାର ମାଡ଼ିଆସିଲା ବେଳକୁ ଘରକୁ ଯିବାପାଇଁ ମନେପଡ଼ିଗଲା କୁଶାଗ୍ରର। ଗଛ କହିଲା: ଯେତେବେଳେ ତୁମେ କିଛି ଗୋଟେ ନୂଆ ଜିନିଷ ଶିଖିବାକୁ ଇଚ୍ଛାହେବ ଏ ଚାବିଟି ସଙ୍ଗରେ ଧରି ଲେଉଟିଆସିବ। ଖୁସିରେ ଗଦ୍‌ଗଦ୍ ହୋଇ ଘରକୁ ଫେରିଆସିଲା କୁଶାଗ୍ର। ସେଇଦିନ ପରଠୁ ସେ କିଛି ଗୋଟିଏ ନୂଆ ଶିଖିବାକୁ ଅଭ୍ୟାସ କରିନେଲା। ସେ ବୁଝିପାରିଥିଲା ଅସଲି ଭେଳିକି ଚାବିରେ ନୁହେଁ; ବରଂ ଶିଖିବା ଇଚ୍ଛାରେ ଥାଏ । ଏହପରି କୁଶାଗ୍ର ନିତିପ୍ରତି ଗୋଟିଏ ନୂଆ ଅନ୍ୱେଷଣ କଲା । ଆଉ ସେଥିରୁ ନୂଆଭାବେ ଜ୍ଞାନ ଆହାରଣ କରିବାକୁ ଲାଗିଲା ।

+ ଓସ୍କାର ସିଟି, ଲେନ ନଂ-୯,ପ୍ଲଟ ନଂ-୪୫୬
ଲକ୍ଷ୍ମୀସାଗର କେନାଲ ରୋଡ୍, ଭୁବ ନେଶ୍ୱରର
ମୋ-୯୪୩୮୩୩୨୧୩୮

# ସେଇଠି ପଢ଼ିବା ପାଠ

## ପ୍ରଶାନ୍ତ କୁମାର ଦାଶ



ଚାଲ ସାଥୀ ଯିବା ଖୁସୀରେ ବସିବା
ସେଇଠି ପଢ଼ିବା ପାଠ
ହାତେ ଥିବ ବହି ଛାତତଳେ ରହି
ହୋଇବା ବଢିଆ ଚାଟ ।

କରିବା ପ୍ରାର୍ଥନା ହେ ଆନନ୍ଦମୟ
ଦିଅ ଭଲ ବୁଦ୍ଧି ଜ୍ଞାନ
ହେବୁ ସୁନାପିଲା ଭଲ ପାଠ ଶାଠ
କର ହେ ଆମକୁ ଦାନ ।

ପାଠଶାଳା ଘର ପାଠର ମନ୍ଦିର
ଭରେ ଜୀବନରେ ସୁଖ
ମଧୁଝରା ହୁଏ ଆମରି ଜୀବନ
ପାଠ ତଡିଦିଏ ଦୁଃଖ ।

ସୁନ୍ଦର କରିବା ଆମେ ମିଳିମିଶି
ପାଠଶାଳା ପରିବେଶ
ଲଗାଇବା ଫୁଲ ଫଳଗଛ କେତେ
ଛୁଟିବ ତାହାର ବାସ ।

ଖେଳଛୁଟି ହେଲେ ମିଳିମିଶି ଆମେ
ଖେଳରେ କାଟିବା ବେଳ
ଖେଳତ ଦିଅଇ ଶରୀରେ ସାହସ
ଅସରା ଶକତି ବଳ ।

ପଢା ସରିଗଲେ ଝୁଲିବା ଦୋଳିରେ
ଓଠରେ ଫୁଟାଇ ହସ
ଦିନେ ସେଇ ହସ ଦେବ ଜୀବନକୁ
ଟେକ ଗଉରବ ଯଶ ।

ପାଠ ପରି କିଏ ଦେବ ଯେ ଆମକୁ
ମାଣିକ ମୁକୁତା ଧନ
ଅନ୍ଧାର ରାତିରେ ପାଠ ଆମ ପାଇଁ
ଜୋଛନା ପଖାଳ ଜହ୍ନ ।

+ କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ:-୯୬୬୮୮୨୨୧୯୦

# ବାପା ମା' ନାମ ରଖିବ ସିଏ

## ପ୍ରଶାନ୍ତ କୁମାର ନାୟକ



ଶିଶୁ ସେତ ଏକ ଫୁଲକଢ଼ି ପରି
ଶିଶୁ ପୁଣି କିଛି କଞ୍ଚାମାଟି ପରି,
କୋମଳ ଶିଶୁ ତା' କୋମଳ ମନ
ତା' ମନରେ ଅଛି କେତେ ସପନ ।

ଅନେକ ଶିଖେ ସେ ଅଳପ ଦେଖି
କେତେ ଆଶାବାଦୀ ତା' ଦୁଇଆଖି ,
ଶିଶୁ ହସିଲେ ଏ ଦୁନିଆ ହସେ
ସେଇ ହସେ ତା'ର ଜଗତ ବାସେ ।

ତା' ଟିକି ହସରେ ଦେଖାଇଦିଏ ସେ
ଖୁସୀରେ ରହିବା ବାଟ ,
ତା' ମିଠା କଥାରେ ଭୁଲାଇ ଦିଏସେ
ହୃଦୟର ଦୁଃଖ କଷ୍ଟ ।

ହସଇ ଦୁନିଆ ଶିଶୁଟେ ହସିଲେ
ଏକଥା ରଖିବା ମନେ ,
ସବୁ ରାଗରୁଷା ଭୁଲିଯିବା ମନୁ
ଦେଖିବ ନିଷ୍ଚୟ ଦିନେ ।

ଟିକି ଓଠରେ ତା' ଗାଏସେ ଗୀତ
ଟିକି ପାଦରେ ତା' ଚାଲେ ସେ ବାଟ ,
ଲୋଡେନାହିଁ ସିଏ ଟଙ୍କା ପଇସା
ଲୋଡାଖାଲି ତା'ର ସ୍ନେହ ମମତା ।

ପୁଅ ହେଉ ଅବା ହେଉ ସେ ଝିଅ
ସବୁ ଦିଗରୁ ତା' ଯତନ ନିଅ ,
ଭଲ ଶିକ୍ଷାଦୀକ୍ଷା ପାଇଲେ ସିଏ
ବାପା ମା' ନାମ ରଖିବ ସିଏ ।

+ ୟୁନିଟ୍-୦୫; ଭୁବନେଶ୍ୱର
ମୋ: ୮୨୪୯୬୫୦୪୧୪

# ଟାଇଁ ଟାଇଁଆ ଖରା...

## ରାମଚନ୍ଦ୍ର ବେହେରା

ବଡି ସକାଳୁ ମାଡି ଆସୁଛି
ଟାଇଁ ଟାଇଁଆ ଖରା
ନଈ ପୋଖରୀ ଶୁଖି ଗଲାଣି
ଧୂସର ଦିଶେ ଧରା।

ଘାସ ପଡିଆ ଶୁଖିଲା ଦିଶେ
କୂଅରେ ନାହିଁ ପାଣି
ଜଳ ସଂକଟେ ମରି ଗଲେଣି
ଅନେକ ବନ୍ୟ ପ୍ରାଣୀ।

ଟାଣୁଆ ଖରା ଦେଖିଲେ ଲାଗେ
ଅଂଶୁଘାତର ଭୟ

ପଂଖା ପବନ ଥଣ୍ଡା ପାଣିକୁ
ସଭିଂକ ଥାଏ ଲୟ।

ଗଛର ଛାଇ ଶୀତଳ ଲାଗେ
ବାଟୋଇ ମନ ଛୁଏଁ
ସଜ ପଖାଳ ଦହି ତେରାଣି
ସଭିଂକ ମନ ମୋହେ।

ମାଠିଆ ଜଳ ଲେମ୍ବୁ ସର୍ବତ
ଦେହକୁ ରଖେ ସୁସ୍ଥ
ପଇଡ ପାଣି ବେଲର ପଣା
ଶରୀର ପାଇଁ ହିତ।

ଜ୍ୟୈଷ୍ଠ ମାସର ଟାଣ ଖରାକୁ
ତୁଚ୍ଛ ମଣିବା ନାହିଁ
ଅଳପ ଖାଇ ବେଶୀ ପିଇବା
ଆସ ଭଉଣୀ ଭାଇ।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ଧିଆନ ଆମେ ଦେବା

## ନୀଳମଣି ଚାନ୍ଦ



ଗଛରେ ଫୁଲ ଫୁଟିଛି ଯେତେ
ନିଅନି ସବୁ ତୋଳି
ରହିଥାଉରେ ବୃନ୍ତରେ କିଛି
ଖେଳିବେ ସିଏ ଦୋଳି ।

ତା ବାସ ନେଇ ପବନ ଦେବ
ଚଉଦିଗରେ ବୁଣି
ଫୁଲରୁ ହୁଏ ଫଳଟି ସିନା
କହନ୍ତି ଜ୍ଞାନୀ ଗୁଣୀ।

ମହୁମାଛିଟି ନେବରେ ମହୁ
ଫୁଲ ତ ଫୁଟିଥିଲେ
ସେ ଫୁଲ ଆଣ ମନ୍ଦିର ନିଅ
କହିବେ ଆସି ପିଲେ ।

ଫୁଲ ନ ଦେଖି ପରଜାପତି
ଦୁଃଖରେ ଯିବ ଫେରି

ପିଲାଏ ଆଉ ରହିବେ ନାହିଁ
ଫୁଲଗଛକୁ ଘେରି ।

ଫୁଲଟି ସିନା ଦିଶେ ସୁନ୍ଦର
ରଙ୍ଗ, ମହକ ପାଇଁ
ଗଛରେ ଥିଲେ ସେ ବାଟେ ଗଲେ
ପଥିକ ଦିଏ ଚାହିଁ।

ଗଛରେ ଯେତେ ଫୁଟିଛି ଫୁଲ
ସବୁ ତୋଳି ନ ନେବା
ଭଲକଥାଟି ଇଏରେ ସିନା
ଧିଆନ ଆମେ ଦେବା ।

+ ମନ୍ତମାନୋର,
ଗୋଠପାଟଣା, ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

ବିଜ୍ଞାନ ଗବାକ୍ଷ-୩

## କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ



# ସବୁଜ ଶକ୍ତିର ଯୁଗ

ଆଜିକାଲି ଆମେ ସମସ୍ତେ ଗ୍ୟାସ୍, ପେଟ୍ରୋଲ ଏବଂ ଡିଜେଲକୁ ନେଇ ଚିନ୍ତିତ ଅଛେ। ମାତ୍ର ପୃଥିବୀରେ ଏପରି କିଛି ଦେଶ ଅଛନ୍ତି ଯେଉଁମାନେ ବର୍ତ୍ତମାନର ପେଟ୍ରୋଲ, ଡିଜେଲ ଏବଂ ଗ୍ୟାସର ଅଭାବ ଦ୍ୱାରା ପ୍ରଭାବିତ ହୋଇନାହାନ୍ତି। ସେମାନେ ଶତ ପ୍ରତିଶତ ଅକ୍ଷୟ ଶକ୍ତିର ଦେଶ। ସେ ଦେଶ ଗୁଡ଼ିକ ହେଲା ଆଲବାନିଆ, ଭୁଟାନ, ନେପାଳ, ପାରାଗୁଏ, ଆଇସ୍‌ଲାଣ୍ଡ ଓ କଙ୍ଗୋ। ଏ ଦେଶ ଗୁଡ଼ିକ ନିଜର ପ୍ରାକୃତିକ ଶକ୍ତିର ପ୍ରୟୋଗ କରୁଛନ୍ତି ଯାହା ଅକ୍ଷୟ ବା ରିନିଓ୍ୱେବେଲ୍।



ଭାରତରେ ଗ୍ୟାସ୍ ଓ ପେଟ୍ରୋଲ ସଂକଟର କାରଣ ମଧ୍ୟ ପ୍ରାଚ୍ୟରେ ଥିବା ଯୁଦ୍ଧ ବାତାବରଣ। ଭାରତକୁ ଆସୁଥିବା ଗ୍ୟାସ ଓ ପେଟ୍ରୋଲ ଠିକ୍ ସମୟରେ ଆସିପାରୁନାହିଁ କିମ୍ବା ଆସୁନାହିଁ। ଆମ ଦେଶ ପେଟ୍ରୋଲ ଓ ଗ୍ୟାସ୍ କ୍ଷେତ୍ରରେ ୮୫% ଆମଦାନୀ ଉପରେ ନିର୍ଭର କରେ। ତେଣୁ ଉପଯୁକ୍ତ ମାତ୍ରାରେ ଗ୍ୟାସ ଓ ପେଟ୍ରୋଲ ଆମଦାନୀ ହୋଇପାରୁନଥିବାରୁ ଦେଶ ଏକ ବଡ଼ ସଂକଟ ଆଡ଼କୁ ଗତି କରୁଛି। କଥାରେ ଅଛି, ସବୁ ଅଭାବ ଓ ଅସୁବିଧା ନୂଆ ବାଟ ଓ ଉଦ୍‌ଭାବନାର ବାଟ ଦେଖାଏ। ଆମେରିକା-ଇସ୍ରାଏଲ- ଇରାନ୍ ଯୁଦ୍ଧ କେବଳ ଭାରତ ଲାଗି ନୁହଁ ପୃଥିବୀର ଅନେକ ଦେଶ ଲାଗି ଶକ୍ତି କ୍ଷେତ୍ରରେ ଅନେକ ଆହ୍ୱାନ ସୃଷ୍ଟି କରିଛି ଯାହାର ସମାଧାନ କ୍ଷତିଗ୍ରସ୍ତ ଦେଶମାନେ ନିଶ୍ଚୟ କରିବେ।

ଯୁଦ୍ଧ କେବେ ବି ପୃଥିବୀ ବା ଦେଶମାନଙ୍କ ଲାଗି ଭଲ ନୁହେଁ, ମାତ୍ର ଏପରି ପରିସ୍ଥିତି କିଛି ଆହ୍ୱାନ ଦିଏ ଯାହାଲାଗି ବୈଜ୍ଞାନିକ ଓ ବୁଦ୍ଧିଜୀବୀମାନେ ତତ୍‌ପର ହୋଇ ଉଠନ୍ତି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସକ୍ରିୟ ହୋଇ ମଣିଷ ଜାତି ଲାଗି ନୂଆ ସୁଯୋଗ ସୃଷ୍ଟି କରିଛି।

ଇଣ୍ଟରନେଟ୍‌ର ତଥ୍ୟ ଅନୁସାରେ ପୃଥିବୀ ଓ ଭାରତରେ ଗଚ୍ଛିତ ଥିବା ପେଟ୍ରୋଲିୟମ ମାତ୍ର ୪୫ରୁ ୫୦ ବର୍ଷ ପର୍ଯ୍ୟନ୍ତ ଆମ ବ୍ୟବହାରରେ ଆସିପାରିବ ଯଦି ବର୍ତ୍ତମାନର ବ୍ୟବହାର ମାତ୍ରା ସ୍ଥିର ରୁହେ। ସେହିପରି ଗଚ୍ଛିତ ଥିବା କୋଇଲା ମଧ୍ୟ ୧୦୦ରୁ ୧୫୦ ବର୍ଷରେ ସରିଯିବ। ପ୍ରଶ୍ନ ଉଠୁଛି, ତାପରେ କ'ଣ? ଏ ପ୍ରଶ୍ନର ଉତ୍ତର ହେଉଛି ଆମେ ସବୁଜ ଶକ୍ତିର ଯୁଗକୁ ପ୍ରତ୍ୟାବର୍ତ୍ତନ କରିବା। ତେବେ ସବୁଜ ଶକ୍ତି କହିଲେ ଆମେ କ'ଣ ବୁଝୁ? ସବୁଜ ଶକ୍ତି ହେଉଛି ସେଇ ଶକ୍ତି ଯିଏ ଅକ୍ଷୟ, ଅର୍ଥାତ ତାର ବ୍ୟବହାର ଯେତେ କଲେ ବି ଏହା ସରେ ନାହିଁ। କେବଳ ସେତିକି ନୁହଁ, ଏହା ପ୍ରଦୂଷଣ ସୃଷ୍ଟି କରେ ନାହିଁ କିମ୍ବା ପରିବେଶର କ୍ଷତି ପହଞ୍ଚାଏ ନାହିଁ।

ସବୁଜ ଶକ୍ତିର ଅସରା ଉତ୍ସ ହେଉଛନ୍ତି ସୂର୍ଯ୍ୟ, ପବନ, ଜଳସ୍ରୋତ, ପୃଥିବୀ ଅଭ୍ୟନ୍ତରରେ ଗଚ୍ଛିତ ତାପ ଏବଂ ଜୈବ ବସ୍ତୁ। ଆମେ ଯଦି ଟିକିଏ ଧ୍ୟାନ ସହକାରେ ଅନୁଶୀଳନ କରିବା, ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ ଉପରୋକ୍ତ ଶକ୍ତି ଉତ୍ସମାନେ ଅକ୍ଷୟ। ଏହାର ବ୍ୟବହାର ଯେତେ ହେଲେ ବି ଏହାର ପରିମାଣ କମ୍ ହେବନି।

କଥାରେ ଅଛି 'ଅଭାବ ଉଦ୍‌ଭାବନର ଜନନୀ'। ଆଶା କରିବା ଆମ ବୈଜ୍ଞାନିକମାନେ ବର୍ତ୍ତମାନ ବ୍ୟବହାର ହେଉଥିବା ସୌର ସେଲର କାର୍ଯ୍ୟ ଦକ୍ଷତା ବୃଦ୍ଧି କରିବେ। ବର୍ତ୍ତମାନ ଆମେ ବ୍ୟବହାର କରୁଥିବା ସୌର ସେଲ୍ ମାତ୍ର ୧୯ରୁ ୨୦ ପ୍ରତିଶତ କାର୍ଯ୍ୟଦକ୍ଷ।

ଦ୍ୱିତୀୟ କଥାଟି ହେଲା ଆମେ ଏ ପର୍ଯ୍ୟନ୍ତ ପବନ, ନଦୀ ଓ ସମୁଦ୍ର ଜୁଆରରେ ଥିବା ଶକ୍ତିକୁ ଠିକ୍ ଭାବରେ ଆମ ବ୍ୟବହାରକୁ ଆଣିପାରିନେ। ପୃଥିବୀ ଭିତରେ ଗଚ୍ଛିତ ତାପଜ ଶକ୍ତିକୁ ବ୍ୟବହାର କରିବା ଏବେ ସମ୍ଭବ ହୋଇନି। ଜୈବବସ୍ତୁ ମାନଙ୍କରୁ ଆମେ ଶକ୍ତି ଆହାରଣ କଲେ ଆମ ସହର ବା ଗାଁ ମାନଙ୍କ ଶକ୍ତି ସଂକଟ ଦୂର ହୋଇପାରିବ।

ଥରେ ସବୁଜ ଶକ୍ତିର ଯୁଗ ଆରମ୍ଭ ହେଲେ ଆମେ ଗାଇବା

ପେଟ୍ରୋଲ ନାହିଁ ଡିଜେଲ ନାହିଁ
ଆମର ନାହିଁ ଡର
ଗ୍ୟାସ ସରିଲେ ଡର ବି ନାହିଁ
ଆମେ ସବୁଜ ବୀର।

+ ପ୍ରାକ୍ତନ ମହାକାଶ ବିଜ୍ଞାନୀ ଓ
ଲେଖକ
ମୋ: ୯୯୩୮୭୬୯୯୦୮

# ଦୁଷ୍ଟ ମଙ୍କୁ ଓ ଖାଦ୍ୟର ମୂଲ୍ୟ

## ପ୍ରଣତି ଆଚାର୍ଯ୍ୟ ମିଶ୍ର



ସୁନ୍ଦରବନ ନାମରେ ଗୋଟିଏ ଜଙ୍ଗଲ ଥିଲା। ସେଠାରେ ଅନେକ ମାଙ୍କଡ଼ ପରିବାର ବାସ କରୁଥିଲେ। ମଙ୍କୁ ମଧ ନିଜ ପରିବାର ସହିତ ସେଠାରେ ରହୁଥିଲା। ମଙ୍କୁର ବାପା-ମାଆ ଏବଂ ତା'ର ସମସ୍ତ ସମ୍ପର୍କୀୟ ତାକୁ ବହୁତ ଭଲ ପାଉଥିଲେ। ଅଧିକ ଗେହ୍ଲା ଓ ଆଦର ଯୋଗୁଁ ମଙ୍କୁ ଟିକେ ଦୁଷ୍ଟ ହୋଇଯାଇଥିଲା। ସେ ବଡ଼ମାନଙ୍କର କଥା ଆଦୌ ଶୁଣୁନଥିଲା। ଯିଏ ଯେତେ ବୁଝାଇଲେ ସେ ଗୋଟିଏ କାନରେ ପୂରାଇ ଅନ୍ୟ କାନରେ ବାହାର କରି ଦିଏ। ମଙ୍କୁ ଯେତିକି ଯେତିକି ବଡ଼ ହେଉଥିଲା, ସେତିକି ସେତିକି ତା'ର ଦୁଷ୍ଟାମି ମଧ ବଢ଼ି ଚାଲିଥିଲା।

ସୁନ୍ଦରବନର ଭିନ୍ନ ଭିନ୍ନ ଅଞ୍ଚଳରେ, ଅଲଗା ଅଲଗା ମାଙ୍କଡ଼ ପରିବାର ରହୁଥିଲେ। ମଙ୍କୁ ନିଜ ପରିବାର ସହ ଗୋଟିଏ ଆମ୍ବ ବଗିଚାରେ ରହୁଥିଲା। ସମସ୍ତଙ୍କର ଅଞ୍ଚଳ ଭାଗ ଭାଗ ହୋଇ ରହିଥିଲା। ସମସ୍ତେ ନିଜ ନିଜ ଅଞ୍ଚଳର ଭଲଭାବେ ଦେଖାଶୁଣା କରୁଥିଲେ। ସେମାନେ କୌଣସି ବାହାର ସଦସ୍ୟଙ୍କ ଅନୁପ୍ରବେଶ ବରଦାସ୍ତ କରୁନଥିଲେ, କିମ୍ବା ନିଜ ଗଛର ଫଳ ଖାଇବାକୁ ଦେଉନଥିଲେ। କାରଣ ଗଛର ଫଳ ହିଁ ସେମାନଙ୍କର ମୁଖ୍ୟ ଖାଦ୍ୟ ଥିଲା। ମଙ୍କୁର ଅଞ୍ଚଳରେ ମଧ ଆମ୍ବ ଗଛଗୁଡ଼ିକରେ ପ୍ରଚୁର ବଉଳ ଆସିଥିଲା। ପରିବାରର ସମସ୍ତେ ବହୁତ ଖୁସି ଥିଲେ ଯେ ଏହି ବର୍ଷ ଖାଇବା ପାଇଁ ଭରପୂର ଖାଦ୍ୟ ମିଳିବ। କିନ୍ତୁ ମଙ୍କୁ ଖୁବ୍ ଦୁଷ୍ଟାମି କରୁଥିଲା। ସେ ଛୋଟ ଛୋଟ କଞ୍ଚା ଆମ୍ବଗୁଡ଼ିକୁ ତୋଳି ଖାଉଥିଲା ଏବଂ ତଳେ ପକାଇ ନଷ୍ଟ କରୁଥିଲା। ସେ ଯେତିକି ଖାଉଥିଲା, ତା'ଠାରୁ ଦଶ ଗୁଣ ଅଧିକ ନଷ୍ଟ କରୁଥିଲା। ମଙ୍କୁର ବାପା-ମାଆ ତାକୁ ସବୁବେଳେ ବୁଝାଉଥିଲେ, ପୁଅ ତୁମକୁ ଯେତିକି ଖାଇବାର ଅଛି ସେତିକି ହିଁ ଫଳ ତୋଳିବା ଉଚିତ, କାରଣ ଏହା ସୀମିତ ଏବଂ ଏହା ସମସ୍ତଙ୍କର ଖାଦ୍ୟ। ଥରେ ଖାଦ୍ୟ ସରିଗଲେ ପୁଣିଥରେ ଖାଦ୍ୟ ମିଳିବାରେ ବହୁତ ଅସୁବିଧା ହେବ। ତେଣୁ ବୃଥାରେ ଖାଦ୍ୟ ନଷ୍ଟ କରିବା ଉଚିତ ନୁହେଁ।

ଦୁଷ୍ଟ ମଙ୍କୁ କାହା କଥା ନଶୁଣି ନିଜ ସାଙ୍ଗମାନଙ୍କ ସହ ମିଶି ଦିନସାରା ଉତ୍ପାତ କରୁଥିଲା ଏବଂ ବହୁତ ଗୁଡ଼ିଏ ଫଳ ନଷ୍ଟ କରିଦେଉଥିଲା। ବହୁତ ଗାଳିଗୁଲଜ ଓ ଶାସନ ପରେ ମଧ ମଙ୍କୁ ସୁଧୁରିଲା ନାହିଁ, ଯାହାର ପରିଣାମ ଗଛଗୁଡ଼ିକରେ ଫଳ ଆସିବା ପୂର୍ବରୁ ହିଁ ଆମ୍ବ ଗଛର ସବୁ ଫଳ ସରିଗଲା। ପରିବାର ସାମ୍ନାରେ ଖାଇବା ସମସ୍ୟା ଦେଖାଦେଲା। ସମସ୍ତଙ୍କୁ ବହୁତ କମ୍ ପରିମାଣରେ ଖାଇବାକୁ ଫଳ ମିଳୁଥିଲା। ମଙ୍କୁର ମଧ ପେଟ ପୂରୁନଥିଲା। ଭୋକ ଯୋଗୁଁ ତା' ପେଟ ବାରମ୍ବାର ମୋଡ଼ି ହେଉଥିଲା। ଯେତେବେଳେ ବଗିଚାରୁ ଫଳ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଗଲା, ସେତେବେଳେ ଭୋକରେ ଆଉଟ ପାଉଟ ହୋଇ ମରିବା ପରିସ୍ଥିତି ସୃଷ୍ଟି ହେଲା। ଦିନେ ସମଗ୍ର ପରିବାର ମିଶି ନିଷ୍ପତ୍ତି ନେଲେ ଯେ ସେମାନେ ସମ୍ପର୍କୀୟମାନଙ୍କ ବଗିଚାକୁ ଚାଲିଯିବେ ଏବଂ ସେମାନଙ୍କୁ ଖାଇବା ପାଇଁ କିଛି ଫଳ ମାଗିବେ। ଭୋକରେ ମରିବା ଅପେକ୍ଷା ଏହି ନିଷ୍ପତ୍ତି ସମସ୍ତଙ୍କୁ ପସନ୍ଦ ଆସିଲା। କିନ୍ତୁ ଗୋଟିଏ ସମସ୍ୟା ଥିଲା। ରାସ୍ତା ମଝିରେ ଏକ ହେଟାବାଘର ଗାତ ଥିଲା। ସେହି ପଶୁଟି ଅତ୍ୟନ୍ତ ହିଂସ୍ର ଥିଲା। ସେ ଛୋଟ ପିଲାମାନଙ୍କୁ ଚୋବାଇ ଖାଇଯାଉଥିଲା। ବଡ଼ମାନେ ଯେମିତି ହେଲେ ଲଢ଼େଇ କରି ନିଜ ଜୀବନ ବଞ୍ଚାଇ ଦେଉଥିଲେ, କିନ୍ତୁ ଛୋଟ ପିଲାମାନେ ସୁରକ୍ଷିତ ନଥିଲେ। ଭୋକରୁ ରକ୍ଷା ପାଇବା ପାଇଁ ସେମାନଙ୍କୁ କେମିତି ହେଲେ

ରାସ୍ତା ପାର କରିବାକୁ ହେବ। ଜଙ୍ଗଲ ଆରପାରିକୁ ଯିବାକୁ ସେଇ ଗୋଟିଏ ହିଁ ରାସ୍ତା ଥିଲା। ସମସ୍ତେ ବିପଦ ଯାଣି ମଧ ରାସ୍ତା ପାର କରିବା ନିଷ୍ପତ୍ତି ନେଲେ। ଖାଲି ପେଟରେ ଆଉ କେତେ ଦିନ ବା ରହି ହେବ। ତେଣୁ ସମସ୍ତେ ସମ୍ପର୍କୀୟମାନଙ୍କ ବଗିଚା ଆଡ଼କୁ ଚାଲିଲେ।



ଏପଟେ ସେହି ହିଂସ୍ର ପଶୁଟି ମଧ ଅନେକ ଦିନରୁ ଭୋକରେ ଆକୁଳ ହେଉଥିଲା। ଯେତେବେଳେ ସେ ମାଙ୍କଡ଼ମାନଙ୍କ ଦଳକୁ ନିଜ ଆଡ଼କୁ ଆସୁଥିବାର ଦେଖିଲା, ତା'ର ଖୁସି କହିଲେ ନସରେ। ସ୍ୱାଦିଷ୍ଟ ଖାଦ୍ୟର ବ୍ୟବସ୍ଥା ହେଉଥିବା ଦେଖି ତା' ପାଟିରୁ ଲାଳ ବୋହିବାକୁ ଲାଗିଲା।

ସେହି ପଶୁଟି ବହୁତ ଚାଲାକ ଥିଲା। ସେ ଜାଣିଥିଲା ଯେ ବଡ଼ ମାଙ୍କଡ଼ମାନେ ଚତୁର ହୋଇଥାନ୍ତି, ତେଣୁ ସେମାନେ ସହଜରେ ତା' ହାବୁଡ଼ରେ ପଡ଼ିବେ ନାହିଁ। ସେଥିପାଇଁ ସେ ନିଜର ସମ୍ପୂର୍ଣ୍ଣ ଧ୍ୟାନ ଛୋଟ ପିଲାମାନଙ୍କ ଉପରେ କେନ୍ଦ୍ରୀଭୂତ କଲା। ସେ ଆଖି ବନ୍ଦ କରି ଚୁପଚାପ୍ ପଡ଼ି ରହିଲା, ଯେପରି କାହାକୁ ସନ୍ଦେହ ନହେବ ଏବଂ ସମସ୍ତେ ତା' ପାଖକୁ ଚାଲିଆସିବେ। ତା'ପରେ ସେ ଆକ୍ରମଣ କରିବ।

ମଙ୍କୁର ବାପା-ମାଆ ତା'ର ଏହି ପ୍ରକୃତି ବିଷୟରେ ଭଲଭାବେ ଜାଣିଥିଲେ। ସେଥିପାଇଁ ସେମାନେ ମଙ୍କୁକୁ ସବୁଠାରୁ ମଝିରେ ରଖିଥିଲେ। ସେମାନଙ୍କର ଉଦ୍ଦେଶ୍ୟ ଥିଲା ଯଦି ସେହି ପଶୁଟି ଆକ୍ରମଣ କରେ, ତେବେ ଯେମିତି ହେଲେ ମଙ୍କୁକୁ ରକ୍ଷା କରାଯାଇପାରିବ। ଆଖି ବନ୍ଦ କରି ଶୋଇଥିବା ପଶୁଟି ଅନୁଭବ କଲା ଯେ ମଙ୍କୁ ତା'ର ବହୁତ ପାଖକୁ ଚାଲିଆସିଛି। ସେ ହଠାତ୍ ନିଜ ଆଖି ଖୋଲି ତା' ଉପରକୁ ଡେଇଁପଡ଼ିଲା। ମଙ୍କୁର ବାପା-ମାଆ ଏହି ଆକ୍ରମଣ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିଲେ। ସେମାନେ ଦୁହେଁ ତା' ସହିତ ଲଢ଼ିଗଲେ। ପଶୁଟିର ଚାଲାକି କାମ କଲାନାହିଁ। କିନ୍ତୁ, ଏହି ଧସ୍ତାଧସ୍ତିରେ ମଙ୍କୁର ବାପାଙ୍କୁ ବହୁତ ଗଭୀର ଆଘାତ ଲାଗିଲା। ମଙ୍କୁ ସମ୍ପୂର୍ଣ୍ଣ ଭୟଭୀତ ହୋଇଗଲା। ହେଟାବାଘର ଭୟଙ୍କର ଚେହେରା ଏବଂ ତା'ର ନାଲି ଆଖି ଦେଖି ମଙ୍କୁ ଡରିଗଲା। ସେ ଭୟରେ ନିଜ ମାଆକୁ ଜାବୁଡ଼ି ଧରିଲା। ସେ ଜାଣିନଥିଲା ଯେ ସେହି ପଶୁଟି ଏତେ ବିପଜ୍ଜନକ ହୋଇପାରେ।

କିନ୍ତୁ ତା' ପରିବାରର ଅନ୍ୟ ସଦସ୍ୟମାନେ ଏକଜୁଟ ହୋଇ ତା'ର ମୁକାବିଲା କଲେ ଏବଂ ତାକୁ ଘଉଡ଼ାଇ ଦେଲେ। ଏହାପରେ ସମସ୍ତେ ସମ୍ପର୍କୀୟଙ୍କ ବଗିଚା ଆଡ଼କୁ ଶୀଘ୍ର ଶୀଘ୍ର ଚାଲିବାକୁ ଲାଗିଲେ। ନିଜ ବାପାଙ୍କୁ ଆଘାତ ଦେଖି ମଙ୍କୁ ବହୁତ ଅନୁତାପ କଲା। ଯଦି ସେ ନିଜ ଅଞ୍ଚଳର ଫଳଗୁଡ଼ିକୁ ନଷ୍ଟ କରିନଥାନ୍ତା, ତେବେ ଏବେ ସେଠାରେ ଖାଇବା ପାଇଁ ପ୍ରଚୁର ଫଳ ଥାଆନ୍ତା। ତା'ର ପରିବାରକୁ ସମ୍ପର୍କୀୟମାନଙ୍କ ଘରକୁ ଯିବାକୁ ପଡ଼ିନଥାନ୍ତା। ଏବଂ ସେହି ହିଂସ୍ର ପଶୁ ସହିତ ସାମ୍ନାସାମ୍ନି ହେବାକୁ ପଡ଼ିନଥାନ୍ତା। ଏହି ଦୁର୍ଘଟଣା ପରେ ମଙ୍କୁ ଖାଦ୍ୟର ମୂଲ୍ୟ ବୁଝିପାରିଥିଲା। ସେ ନିଜ କାନ ଧରି ଶପଥ ନେଲା ଯେ ଆଗକୁ ସେ କୌଣସି ଫଳ-ଫୁଲ ଗଛ କିମ୍ବା ଅନ୍ୟ କୌଣସି ଗଛକୁ କେବେହେଲେ ନଷ୍ଟ କରିବ ନାହିଁ।

+ନୟାଗଡ଼
ମୋ: ୯୪୩୭୬୪୨୯୪୭

# ଜିଲ୍ଲା ସ୍ତରୀୟ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ

ମାଲକାନଗିରି , ୨୨/୦୫ (ନି.ପ୍ର): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ଜିଲ୍ଲା ସମାଜ କଲ୍ୟାଣ ବିଭାଗର ମିଳିତ ଆନୁକୂଲ୍ୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧ୍ୟକ୍ଷତାରେ 'ଶିଶୁଙ୍କ ପାଇଁ ଦିନ ଟିଏ' କାର୍ଯ୍ୟକ୍ରମର ତ୍ରୟମାସିକ ସମ୍ମିଳନୀ ସଫଳତାର ସହ ଉଦଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ, ସାମାଜିକ ସଂଗଠନ ପ୍ରତିନିଧି ଓ ଶିଶୁ ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ବିପଦ ସଂକୁଳ ପରିସ୍ଥିତିରେ ଥିବା ଶିଶୁମାନଙ୍କ ସୁରକ୍ଷା, ବିକାଶ ଓ ବୌଦ୍ଧିକ ଉନ୍ନତି ପାଇଁ ସମସ୍ତ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ମାଲକାନଗିରି ଜିଲ୍ଲାରେ ହେଉଥିବା ବାଲ୍ୟବିବାହ, ଶିଶୁ ଶ୍ରମିକ ଓ ଶିଶୁଙ୍କ ପ୍ରତି ଯୌନ ନିର୍ଯ୍ୟାତନା ଭଳି ସମସ୍ୟା ଗୁଡିକୁ ପ୍ରତିହତ କରିବା ପାଇଁ ସମସ୍ତଙ୍କ ଆନ୍ତରିକ ପ୍ରୟାସର ଆବଶ୍ୟକତା ରହିଛି ବୋଲି ସେ ମତବ୍ୟକ୍ତ କରିବା ସହ ଜିଲ୍ଲାକୁ ୨୦୩୦ ସୁଦ୍ଧା ବାଲ୍ୟବିବାହ ଓ ଶିଶୁ ଶ୍ରମିକ ମୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ। ବିଗତ ତିନି ମାସର କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ଇନ୍ଦିରା ପ୍ରଧାନ, ଜିଲ୍ଲା ସଂଯୋଜିକା ମୀନାକ୍ଷି ପ୍ରଧାନ, ରୁପେଶ ସାହୁ ଏବଂ ମଣି ମୋହନ ସରକାରଙ୍କ ଦ୍ୱାରା ଉପସ୍ଥାପିତ କରାଯାଇଥିଲା । ଏହି ଅବସରରେ ଚଳିତ ଦଶମ ଶ୍ରେଣୀ ପରୀକ୍ଷାରେ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଶିଶୁ ଗୃହର ଅନ୍ତେବାସୀମାନଙ୍କୁ ମାନପତ୍ର ସହ ୫,୦୦୦ ଟଙ୍କାର ପ୍ରୋତ୍ସାହନ ରାଶି ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହାସହ ପିତୃମାତୃ ହୀନ ଶିଶୁଙ୍କୁ ପ୍ରମାଣପତ୍ର ଏବଂ ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ୧୪ ଜଣ କିଶୋରଙ୍କୁ କର୍ମ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲାରେ ଶିଶୁଙ୍କ ପ୍ରତି ହେଉଥିବା ସମସ୍ତ ପ୍ରକାରର ଶୋଷଣ ଓ ନିର୍ଯ୍ୟାତନାକୁ ସମ୍ପୂର୍ଣ୍ଣ ଭାବେ ରୋକାଯିବା ସହ ଏଭଳି ଅମାନବୀୟ କାର୍ଯ୍ୟରେ ଲିପ୍ତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତି ନିଆଯାଇଛି। ସାମାଜିକ ଚିନ୍ତାଧାରାର ପରିବର୍ତ୍ତନ ପାଇଁ ତୃଣମୂଳ ସ୍ତରରେ ସଚେତନତା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ କାର୍ଯ୍ୟପନ୍ଥା ଧାର୍ଯ୍ୟ ହୋଇଛି। ଶେଷରେ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ତରଫରୁ ସୁଦେଷ୍ଣା ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ କାର୍ଯ୍ୟକ୍ରମର ପରିସମାପ୍ତି ଘୋଷଣା କରିଥିଲେ।

# ଫଂଚମ ପ୍ରଣାମ ସମର ଫେଷ୍ଟ -୨୦୨୬ ଗ୍ରୀଷ୍ମ ଶିବିର ଉଦ୍‌ଯାପିତ

ବୌଦ୍ଧ, ୨୨/୦୫ (ନି.ପ୍ର): ବୌଦ୍ଧ ଜିଲ୍ଲାର ଅନ୍ୟତମ ଅନୁଷ୍ଠାନ ପ୍ରଣାମ ଦ୍ୱାରା ଆୟୋଜିତ ହୋଇଥିବା ୧୫ ଦିନିଆ 'ଫଂଚମ ପ୍ରଣାମ ସମର ଫେଷ୍ଟ -୨୦୨୬' ଟାଉନ ହଲ ଠାରେ ଉଦଯାପିତ ହୋଇଛି । ଅନୁଷ୍ଠାନର ସଭାପତି ବସନ୍ତ କୁମାର ସାହୁଣୀଯା ବକ୍ତବ୍ୟରେ ଗ୍ରୀଷ୍ମ ଶିବିର ଶିଶୁମାନଙ୍କ ପାଇଁ ପିତା ମାତାଙ୍କ ଏକ ମୁଲ୍ୟବାନ ଉପହାର ଓ ଏହାଦ୍ୱାରା ଶିଶୁମାନେ ମୋବାଇଲ ଠାରୁ ଦୂରେରେ ରହିବା ଶିଖିପାରିବେ ବୋଲି କହିଥିଲେ । ଉକ୍ତ ଉତ୍ସବରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ମୁଖ୍ୟଅତିଥି ରୂପେ ଯୋଗଦାନ କରି ଅଂଶଗ୍ରହଣକାରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ ପୂର୍ବକ ଉତ୍ସାହିତ କରିବା ସହ ଶିଶୁମାନଙ୍କ ଆଗ୍ରହ ମୁତାବକ ସୁଯୋଗ ପ୍ରଦାନ କରିବା ଓ ବିହଙ୍ଗପରି ଉଡିବା ପାଇଁ ଛାଡି ଦେବା ପାଇଁ ଉପସ୍ଥିତ ପିତାମାତା ଓ ଅଭିଭାବକ ମାନଙ୍କୁ ମାର୍ଗ ଦର୍ଶନ କରିଥିଲେ । ଅନୁଷ୍ଠାନର ସମ୍ପାଦକ ତଥା ଗୁରୁ ପ୍ରଶାନ୍ତ କୁମାର ଭାଇନା ଏହି କାର୍ଯ୍ୟକ୍ରମ ଓ ଶିବିରକୁ ପରିଚାଳନା କରିଥିବା ବେଳେ ପ୍ରତିଷ୍ଠାତା ଶ୍ରୀମତୀ ସୁକାନ୍ତି ସିଂ ଓ ନୃତ୍ୟଗୁରୁ ସୋନୁ ମହାନନ୍ଦ ସମ୍ମାନିତ ଅତିଥି ରୂପେ ଯୋଗଦାନ କରି ଶିଶୁ ମାନଙ୍କୁ ଉତ୍ସାହିତ କରିଥିଲେ । ମଇ ୫ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ୧୦୨ ଜଣ ଶିବିରାର୍ଥୀଙ୍କୁ ୧୫ ଜଣିଆ ପ୍ରଶିକ୍ଷକ ଦଳ ଶିକ୍ଷା ପ୍ରଦାନ କରିଥିଲେ । ପ୍ରଶିକ୍ଷକ ଭାବେ ଶୋଭନ କରଡିଆ,ଶଙ୍କର ପ୍ରସାଦ ନାୟକ,ଅଭିଷେକ ବେହେରା, ରୋଶନ ବେହେରା, ହଂସିକା ମନ୍ତ୍ରୀ, ଆଶ୍ଲେଷା ମନ୍ତ୍ରୀ, ବୈଷ୍ଣବୀ ପରିଡା, ଶ୍ରଦ୍ଧାଞ୍ଜଳୀ ମେହେର,ଶିବଦତା ଶିବାନୀ, ସୁନିତା ଦାଶ, ସନ୍ଧ୍ୟାରଣୀ ମିଶ୍ର,ସୁଧୀର ବାରିକ, ସ୍ନେହାରାଣୀ ମିଶ୍ର ପ୍ରମୁଖ ଯୋଗଦେଇ ନୃତ୍ୟ, ଯୋଗ, ଚିତ୍ର ଓ ହସ୍ତକଳା, ଶ୍ଲୋକ ଆବୃତି ,ଆତ୍ମରକ୍ଷା କୌଶଳ,ଆତ୍ମ ବିଶ୍ୱାସବୃଦ୍ଧି, ରାମ୍ପ ୱାକ ଆଦି ଶିକ୍ଷା ପ୍ରଦାନ କରିଥିଲେ । ମୋଟ ୧୫ ଟି ଦଳ ନିଜନିଜର କଳାକୃତି ଅତି ଚମତ୍କାର ଭାବରେ ପ୍ରଦର୍ଶନ କରି ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ପ୍ରଦର୍ଶନ ମଧ୍ୟରେ ମାହାରୀ ନୃତ୍ୟ, ନୃତ୍ୟ 'ବାପା', ବଲିଉଡ,ସମ୍ବଲପୁରୀ ନୃତ୍ୟ, ସମକାଳୀନ ନୃତ୍ୟ, ଯୋଗ, ହାସ୍ୟ ନୃତ୍ୟ, ଶ୍ଲୋକ,ରାମ୍ପ ୱାକ, ଆଦି ରଙ୍ଗା ରଙ୍ଗ କାର୍ଯ୍ୟକ୍ରମ ଦର୍ଶକ ମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲେ ।

# ଜୟପୁରରେ ରାଜୀବ ଗାନ୍ଧୀଙ୍କ ୩୬ତମ ତିରୋଧାନ ଦିବସ ପାଳିତ

ଜୟପୁର, ୨୨/୦୫ (ନି.ପ୍ର): ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୩୬ତମ ତିରୋଧାନ ଦିବସ ଜୟପୁର ସ୍ଥିତ ଜିଲା କଂଗ୍ରେସ ଭ୍ୱନ ରେ ପାଳିତ ହୋଇଛି। କୋରାପୁଟ ଜିଲା ସଭାପତି ରୂପକ ତୁରୁକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ କଂଗ୍ରେସ ନେତାମାନେ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଫୋଟ ଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସମସ୍ତେ ରାଜୀବ ଗାନ୍ଧୀଙ୍କ ଦେଶ ପ୍ରତି ଅବଦାନ ଓ ତାଙ୍କର ଦୃଷ୍ଟିଭଙ୍ଗୀକୁ ସ୍ମରଣ କରି ତାଙ୍କର ଆଦର୍ଶ ଅନୁପ୍ରାଣିତ ହେବାକୁ ଉପସ୍ଥିତ କଂଗ୍ରେସ ର ନେତା ମାନେ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା କୃଷ୍ଣ ନେପାକ, ବ୍ଲକ ସଭାପତି ବସନ୍ତ ନାୟକ, ରାମ ନାୟକ, ସତ୍ୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ବଜ୍ରପାତ ନିରାପତ୍ତା କ୍ଷେତ୍ରରେ ଦକ୍ଷ ପ୍ରଶିକ୍ଷକ ସୃଷ୍ଟି ଲକ୍ଷ୍ୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ କର୍ମଶାଳା

ବାଲେଶ୍ୱର, ୨୨/୦୫ (ନି.ପ୍ର): ଉତ୍ତର ଓଡ଼ିଶାରେ ବଜ୍ରପାତ ଜନିତ ବିପଦ ସମ୍ପର୍କରେ ସଚେତନତା, ପ୍ରସ୍ତୁତି ଓ ବିପଦ ହ୍ରାସ କରିବାର ପ୍ରୟାସକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରବନ୍ଧନ ପ୍ରାଧିକରଣ (ଓଏସ୍‌ଡିଏମ୍‌ଏ)ର ମିଳିତ ଉଦ୍ୟମରେ "ଲାଇଟନିଂ ସେଫ୍ ନର୍ଥ ଓଡ଼ିଶା : ମାଷ୍ଟର ଟ୍ରେନର କର୍ମଶାଳା" ଶୀର୍ଷକ ଏକ ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ନିଜ ଅଭିଭାଷଣରେ ସେ ବଜ୍ରପାତ ସୁରକ୍ଷା ସମ୍ପର୍କିତ ସଚେତନତାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ସମାଜରେ ସଚେତନତା ଦୂତ ସୃଷ୍ଟି କରିବା ସହ ମୁଖ୍ୟତଃ ଉତ୍ତର ଓଡ଼ିଶାରେ ବଜ୍ରପାତ ଜନିତ ମୃତ୍ୟୁ ସଂଖ୍ୟାକୁ ଶୂନ୍ୟରେ ପହଞ୍ଚାଇବା ଲକ୍ଷ୍ୟରେ ସମସ୍ତଙ୍କୁ ସମନ୍ୱିତ ଭାବେ କାମ କରିବାକୁ ଆହ୍ୱାନ ଦେଇଥିଲେ। ଭୂଗୋଳ ବିଭାଗର ପ୍ରଫେସର ନିହାର ରଞ୍ଜନ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଫେସର ମନୋରଞ୍ଜନ ମିଶ୍ର କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହିତ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ମଧ୍ୟ ନିଜ ବକ୍ତବ୍ୟରେ ବିଷୟଭିତ୍ତିକ ମୂଲ୍ୟବାନ ମତାମତ ଉପସ୍ଥାପନ କରିଥିଲେ। ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ କର୍ମଶାଳାରେ ଯୋଗଦେଇ- ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ ଭଦ୍ରକ ଜିଲ୍ଲାରୁ ଯୋଗଦେଇଥିବା ଅଧିକାରୀମାନଙ୍କୁ କର୍ମଶାଳାରେ ଆଲୋଚିତ ବିଷୟଗୁଡ଼ିକୁ କ୍ଷେତ୍ରସ୍ତରରେ ଫଳପ୍ରଦ ଭାବେ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ। ଓଏସ୍‌ଡିଏମ୍‌ଏର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ଼କ୍ଟର କମଳ ଲୋଚନ ମିଶ୍ର (ଆଇଏଏସ୍) ଆଭାସୀ ମାଧ୍ୟମରେ କାର୍ଯ୍ୟକ୍ରମରେ ଯୋଗଦେଇ ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ବଜ୍ରପାତ ସଂପର୍କରେ ସଚେତନତାର ଅଭିଯାନ, ଉଦ୍ୟମ ଓ ଗବେଷଣାମୂଳକ ଅବଦାନକୁ ପ୍ରଶଂସା କରିଥିଲେ ତଥା ଏହି ସଚେତନତା ଅଭିଯାନକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ସରକାରୀ ସଂସ୍ଥା, ବିଶ୍ୱବିଦ୍ୟାଳୟ, ସ୍ୱେଚ୍ଛାସେବୀ ସଂଗଠନ ଓ ସମୁଦାୟ ମଧ୍ୟରେ ସମନ୍ୱିତ ସହଯୋଗର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ବିପର୍ଯ୍ୟୟ ପ୍ରବନ୍ଧନ କ୍ଷେତ୍ରରେ ଫକୀର ମୋହନ ବିଶ୍ୱବିଦ୍ୟାଳୟକୁ ଏକ ଉଦୀୟମାନ ଜ୍ଞାନ-ସହଭାଗୀ ଭାବେ ସେ ବର୍ଣ୍ଣନା କରିଥିଲେ। ଏହି କର୍ମଶାଳାରେ ଓଏସ୍‌ଡିଏମ୍‌ଏ, ଏନ୍‌ଡିଆରଏଫ୍, ବିଭିନ୍ନ ଜିଲ୍ଲା ଓ ବ୍ଲକ ପ୍ରଶାସନର ଅଧିକାରୀ, ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଓ ଜାତୀୟ ଦୂର-ସଂବେଦନ କେନ୍ଦ୍ର (ଏନ୍‌ଆରଏସ୍‌ସି)ର ବିଶେଷଜ୍ଞମାନଙ୍କ ସମେତ ମୋଟ ୧୯୦ ଜଣ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ବୈଷୟିକ ଅଧିବେଶନରେ "ଉତ୍ତର ଓଡ଼ିଶାରେ ବଜ୍ରପାତଜନିତ ମୃତ୍ୟୁ ହ୍ରାସ : ପ୍ରମାଣଭିତ୍ତିକ କୌଶଳ ଓ ସମାଧାନ" ବିଷୟରେ ପ୍ରଫେସର ମନୋରଞ୍ଜନ ମିଶ୍ର ଆଲୋଚନା କରିଥିଲେ। ଡ଼କ୍ଟର ଆଲୋକ ତାଓରୀ ଓ ଏନ୍‌ଆରଏସ୍‌ସି ଦଳ ପକ୍ଷରୁ ବଜ୍ରପାତ ନିରୀକ୍ଷଣ ଓ ପୂର୍ବାନୁମାନ ପରୀକ୍ଷାର ପ୍ରଦର୍ଶନ କରାଯାଇଥିଲା। ଆଇଏମ୍‌ଡି ପକ୍ଷରୁ ପୂର୍ବାନୁମାନ ଉପକରଣ ସମ୍ପର୍କରେ ଅଧିବେଶନ ଏବଂ ଆନ୍ତର୍ଜାତିକ ବିଦ୍ୟୁତ୍ ପ୍ରାଯୁକ୍ତିକ ଆୟୋଗର ସଦସ୍ୟ ଡ଼କ୍ଟର ଗୋପ କୁମାରଙ୍କ ଦ୍ୱାରା ଯାନ୍ତ୍ରିକ ଭିତ୍ତିକ ବଜ୍ରପାତ ସୁରକ୍ଷା ବ୍ୟବସ୍ଥା ଉପରେ ବ୍ୟାଖ୍ୟାନ ପ୍ରଦାନ କରାଯାଇଥିଲା। କର୍ମଶାଳାର ଏକ ପ୍ରମୁଖ ଆକର୍ଷଣ ଥିଲା ଜିଲ୍ଲା ଜରୁରୀକାଳୀନ ଅଧିକାରୀ (ଡିଇଓ), ଜିଲ୍ଲା ପ୍ରକଳ୍ପ ଅଧିକାରୀ (ଡିପିଓ) ଓ ବ୍ଲକସ୍ତରୀୟ ଅନ୍ୟାନ୍ୟ ଅଧିକାରୀମାନଙ୍କ ସହ ଆୟୋଜିତ ଏକ ସାମୂହିକ ଆଲୋଚନାଚକ୍ର। ଏଥିରେ ବଜ୍ରପାତ ଜନିତ ଦୁର୍ଘଟଣାର ପ୍ରବୃତ୍ତି, ପୂର୍ବ ସତର୍କ ସୂଚନାର ବ୍ୟବହାର, ସଂବେଦନଶୀଳ ଅଞ୍ଚଳ ଚିହ୍ନଟ ଏବଂ ଶେଷ ପର୍ଯ୍ୟାୟର ସୂଚନା ପ୍ରସାରଣ ଆଦି ବିଷୟକୁ ଗୁରୁତ୍ୱ ଦେଇ ଜିଲ୍ଲାଭିତ୍ତିକ ମାନକ କାର୍ଯ୍ୟ ପ୍ରଣାଳୀ (ଏସ.ଓ.ପି) ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା। ଡ଼କ୍ଟର ସସ୍ମିତା ରାଉତ ସମଗ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଭୂଗୋଳ ବିଭାଗର ସହକାରୀ ଅଧ୍ୟାପିକା ଡ଼. ସବିତା ସୋରେନ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାଟି ଉତ୍ତର ଓଡ଼ିଶାରେ ବଜ୍ରପାତ ଜନିତ କ୍ଷୟକ୍ଷତି ହ୍ରାସ ଦିଗରେ ଏକ ଫଳପ୍ରଦ ଓ ସମୟୋପଯୋଗୀ ପଦକ୍ଷେପ ଭାବେ ପରିଗଣିତ ହେବାନେଇ ଆଶାବ୍ୟକ୍ତ କରାଯାଇଛି। ବୈଜ୍ଞାନିକ, ପ୍ରଶାସନ ଓ ସ୍ଥାନୀୟ ଅଂଚଳର ସଚେତନ ଜନସାଧାରଣଙ୍କ ମିଳିତ ସହଯୋଗରେ ବଜ୍ରପାତ ଜନିତ ମୃତ୍ୟୁହାରକୁ ନିଶ୍ଚିତ ଭାବେ କମ୍ କରାଯାଇପାରିବ ବୋଲି କର୍ମଶାଳାରେ ମତପ୍ରକାଶ କରାଯାଇଛି।

# ଜୟପୁର ପୌର ପାଳିକାର ସାଧାରଣ ପରିଷଦ ବୈଠକ

ଜୟପୁର, ୨୨/୦୫ (ନି.ପ୍ର): ଜୟପୁର ପୌର ସଭାଗୃହ ରେ ଆଜି ସାଧାରଣ ପରିଷଦ ବୈଠକରେ ଅନୁଷ୍ଠିତ ହୋଇଛି । ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତଙ୍କ ଆହ୍ୱାନରେ ଅନୁଷ୍ଠିତ ବୈଠକ ରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗ ଦେଇଥିଲେ। ସହରର ପରିଚ୍ଛନ୍ନତା, ପାନୀୟ ଜଳ, ରାସ୍ତାଘାଟ, ଆଲୋକୀକରଣ ଓ ଜନସାଧାରଣଙ୍କ ମୌଳିକ ସମସ୍ୟା ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ସ୍ୱଚ୍ଛ ଓ ସୁନ୍ଦର ଜୟପୁର ଗଠନ ପାଇଁ ମଶା ନିୟନ୍ତ୍ରଣ ଉଦ୍ଦେଶ୍ୟରେ ମଶା ନିପାତ ତେଲ କ୍ରୟ କରିବାକୁ ନିଷ୍ପତି ଗ୍ରହଣ ହେଲା । ଗତ ବୈଠକରେ ପାରିତ ହୋଇଥିବା ବଜେଟ୍ ବିଲ୍ ଆଜି ଅନୁମୋଦନ ପାଇଲା । ସେହିପରି ସାନିଟେସନ୍ ଟେଣ୍ଡର ସମ୍ବନ୍ଧୀୟ ଅନିୟମିତତା, କାଉନସିଲରମାନଙ୍କ ଅଭିଯୋଗ ଓ ବିଭିନ୍ନ ସମସ୍ୟାକୁ ଜିଲ୍ଲାପାଳ ଗୁରୁତ୍ୱ ସହ ଅନୁଧ୍ୟାନ କରୁଛନ୍ତି । ଟାଟା ପାୱାରର ମନମାନି, ବାରମ୍ବାର ବିଦ୍ୟୁତ୍ କାଟ ସମସ୍ୟା, ସ୍ମାର୍ଟ ମିଟର ଲାଗୁକରଣ, ମିଟର ଭଡ଼ା ଆଦାୟ ଓ ଅପସାରିତ ନହୋଇଥିବା ବିଦ୍ୟୁତ୍ ଖୁଂଟ ସମସ୍ୟା ସମ୍ପର୍କରେ ମଧ୍ୟ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି । ସ୍ମାର୍ଟ ମିଟର ଲଗାଇବା ବନ୍ଦ ନ ହେଲେ ଟାଟା ପାୱାର କୁ ଘେରାଉ କରାଯିବ ବୋଲି ବିଧାୟକ ବାହିନୀପତି ଚେତାବନୀ ଦେଇଛନ୍ତି । ବିଧାନସଭାରେ ବିଧାୟକ ବାହିନୀପତି ଏହି ପ୍ରସଙ୍ଗ ଉଠାଇଥିବାରୁ ସ୍ମାର୍ଟ ମିଟର ଓ ମିଟର ଭଡ଼ା ପ୍ରକ୍ରିୟା ବର୍ତମାନ ବନ୍ଦ ରହିଛି । ଯଦି କେହି ସ୍ମାର୍ଟ ମିଟର ଲଗାଇବା ପାଇଁ ଆସନ୍ତି, ତେବେ ସେଥିରେ ସମସ୍ତେ ଏକତ୍ରିତ ଭାବେ ବିରୋଧ କରିବାକୁ ବିଧାୟକ ବାହିନୀପତି ନିବେଦନ କରିଛନ୍ତି। ବୈଠକ ରେ ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧ୍ୟକ୍ଷ ବି. ସୁନିତା, ପୌର ଯନ୍ତ୍ରୀ ଅଜୟ ଜାନି ଙ୍କ ସହ କାଉନସିଲର ଓ ବିଭିନ୍ନ ଲାଇନ ଡ଼ିପାଟମେଂଟର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ଏସବିଆଇ ମାଲକାନଗିରି ମୁଖ୍ୟ ଶାଖା ତରଫରୁ ମୃତ୍ୟୁଜନିତ ବୀମା ରାଶି ପ୍ରଦାନ

ମାଲକାନଗିରି, ୨୨/୦୫ (ନି.ପ୍ର): ମାଲକାନଗିରି ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ତରଫରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମୁଖ୍ୟ ଅତିଥି ଜିଲ୍ଲାପାଳ ମାଲକାନଗିରି ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ଦ୍ୱାରା ଭାରତୀୟ ଷ୍ଟେଟ ବ୍ୟାଙ୍କ ରେ ପୋଲିସ ସାଲାରୀ ପ୍ୟାକେଜ କରିଥିବା ୫ ଜଣ ପୋଲିସ କର୍ମଚାରୀଙ୍କ ବିଭିନ୍ନ କାରଣଜନିତ ମୃତ୍ୟୁ ପରେ ତାଙ୍କ ଉତରାଧିକାରୀଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଚେକ ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଷ୍ଟେଟ ବ୍ୟାଙ୍କ ର ଜୟପୁର ଆଂଚଳିକ ପରିଚାଳକ ପ୍ରକାଶ ଗ୍ରହଚାର୍ଯ୍ୟ ଯୋଗଦାନ କରି ମାଲକାନଗିରି ଶାଖାର ଏହିଭଳି ଜନହିତକାରୀ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ରୂପେ ବେଦବର ପ୍ରଧାନ ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଅନାମ ଲାକ୍ରା ଡ଼ିଏସପି, ମାଲକାନଗିରି ବ୍ରାଂଚ ମୁଖ୍ୟ ପରିଚାଳକ ବିନୋଦ କୁମାର ବିଶୋଇ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ମାଲକାନଗିରି ମହା ବିଦ୍ୟାଳୟ ବାଣିଜ୍ୟ ବିଭାଗ ମୁଖ୍ୟ ଡ଼ଃ. ରଞ୍ଜନ କୁମାର ସ୍ୱାଇଁ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଉପ ଶାଖା ପରିଚାଳକ ଅଜିତ କୁମାର ଆଚାର୍ଯ୍ୟ, କ୍ଷେତ୍ର ଅଧିକାରୀ ସୌମ୍ୟରଂଜନ ବେହେରା କାର୍ଯ୍ୟକ୍ରମକୁ ସଫଳ କରିବାରେ ସାହାଯ୍ୟ କରିଥିଲେ। ସେହିପରି ଆରକ୍ଷୀ ଅଧିକ୍ଷକ କାର୍ଯ୍ୟାଳୟରେ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲଏଚଙ୍କ ଦ୍ୱାରା ରଶ୍ମି ରେଖା ମାଝୀ (ସ୍ୱର୍ଗତ ସ୍ୱାମୀ ଅକ୍ଷୟ କୁମାର ନାୟକ ), ସମରି ବୁରୁଡ଼ା (ସ୍ୱର୍ଗତ ସ୍ୱାମୀ ରାମସିଂ ବୁରୁଡ଼ା), ଅମିତା କୁମାରୀ ପଟ୍ଟନାୟକ (ସ୍ୱର୍ଗତ ସ୍ୱାମୀ ବୁଲୁ ପଟ୍ଟନାୟକ), ଦମୁ କୁରାମି (ସ୍ୱର୍ଗତ ସ୍ୱାମୀ ଅର୍ଜୁନ ଚନ୍ଦ୍ର କୁରାମି), ରଶ୍ମିତା ଦୋରା (ସ୍ୱର୍ଗତ ସ୍ୱାମୀ ରଞ୍ଜନ ହନ୍ତଲା ଚତୁର୍ଥ ବାଟାଲିୟନ ), ସେହିପରି ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ମୃତ୍ୟୁ ଜନିତ ସାହାଯ୍ୟ ରାଶି ୨ ଲକ୍ଷ ବୀମା ରାଶି ଦେବ ପଡିଆମୀ (ସ୍ୱର୍ଗତ ସ୍ୱୀ ମୁକେ ପଡିଆମୀ), ମୁକା ମାଡକାମୀ (ସ୍ୱର୍ଗତ ସ୍ୱୀ ପାଣ୍ଡ୍ରି ମାଡକାମୀ), ଝରଣା ଦୁର୍ଗା (ସ୍ୱର୍ଗତ ମାତା ରୁକ୍ମଣୀ ଦୁର୍ଗା)ଙ୍କୁ ପ୍ରଦାନ କରାଯାଇଥିଲା। ଭାରତୀୟ ଷ୍ଟେଟ ବ୍ୟାଙ୍କ ରେ ପୋଲିସ ସାଲାରୀ ପ୍ୟାକେଜରେ ଖାତା ଥିଲେ ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ୧ କୋଟି ୧୦ ଲକ୍ଷ ଏବଂ ସାଧାରଣ ମୃତ୍ୟୁ ପାଇଁ ୧୦ ଲକ୍ଷ ବୀମା ରାଶି ପ୍ରଦାନ କରାଯାଉଛି। ଭାରତୀୟ ଷ୍ଟେଟ ବ୍ୟାଙ୍କ ର ଏହିଭଳି କାର୍ଯ୍ୟକ୍ରମକୁ ବୁଦ୍ଧିଜୀବୀ ମହାଲରେ ଭୂୟସୀ ପ୍ରଶଂସା କରାଯାଇଛି।

# ଶ୍ରୀ ଶିବ ବିବାହ ଉତ୍ସବ ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ: ଜୁନ୍ ୧୯ରେ ବିବାହ ବନ୍ଧନରେ ବାନ୍ଧି ହେବେ ଦେବଦମ୍ପତି




ଭଦ୍ରକ, ୨୨/୦୫ (ନି.ପ୍ର): ପ୍ରସିଦ୍ଧ ଶୈବପୀଠ ବାବା ଆଖଣ୍ଡଳମଣିଙ୍କ ଶିବବିବାହ ମହୋତ୍ସବ ଆସନ୍ତା ଜୁନ୍ ୧୯ ତାରିଖରେ ବୈଦିକ ରୀତିନୀତି ଓ ଲୋକାଚାର ମଧ୍ୟରେ ଆୟୋଜିତ ହେବ। ଏହି ମହୋତ୍ସବକୁ ସୁଚାରୁରୂପେ ସମ୍ପନ୍ନ କରିବା ନିମନ୍ତେ ଭଦ୍ରକ ଜିଲାପାଳ ତଥା ଶିବବିବାହ ଉତ୍ସବ କମିଟିର ଅଧ୍ୟକ୍ଷ ଦିଲିପ ରାଉତରାୟଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।ବୈଠକରେ ଏସପି ମନୋଜ ରାଉତ, ଏଏସପି ଅଂଶୁମାନ ଦ୍ୱିବେଦୀ, ଉପଜିଲାପାଳ ତଥା ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ସୌରଭ ଚକ୍ରବର୍ତ୍ତୀ, ମନ୍ଦିର ଟ୍ରଷ୍ଟସଭ୍ୟ ତଥା କନିକାରାଜାଙ୍କ ପ୍ରତିନିଧି ମାୟାଧର ବାରିକ, ସେବାୟତ ପ୍ରତିନିଧି ଦେବଦତ୍ତ ପାଢୀଙ୍କ ସହ ମନ୍ଦିରର ବରିଷ୍ଠ ସେବାୟତ ଏବଂ ଜିଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।ଆସନ୍ତା ଶ୍ରୀ ଶିବ ବିବାହ ଉତ୍ସବକୁ ସୁଚାରୁ, ଶୃଙ୍ଖଳିତ ଓ ଭକ୍ତମାନଙ୍କ ପାଇଁ ସୁବିଧାଜନକ ଭାବେ ଆୟୋଜନ କରିବା ନିମନ୍ତେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉତ୍ସବ ସମୟରେ ଆଇନଶୃଙ୍ଖଳା, ଯାତାୟାତ, ସ୍ୱାସ୍ଥ୍ୟ, ପାନୀୟଜଳ, ବିଦ୍ୟୁତ ଓ ଭକ୍ତମାନଙ୍କ ଦର୍ଶନ ବ୍ୟବସ୍ଥାକୁ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଜ୍ୟେଷ୍ଠ ମାସ ମଳମାସ ହୋଇଥିବାରୁ ଏକମାସ ଧରି କୌଣସି ମାଙ୍ଗଳିକ କାର୍ଯ୍ୟ ହୋଇନଥାଏ। ତେଣୁ ଆସନ୍ତା ଜୁନ୍ ୧୯ ତାରିଖ କୃଷ୍ଣପକ୍ଷ ପଞ୍ଚମୀ ତିଥିରେ ଦେବଦମ୍ପତି ବିବାହ ବନ୍ଧନରେ ବାନ୍ଧି ହେବେ ବୋଲି ଜ୍ୟୋତିଷ ଓ ବ୍ରାହ୍ମଣମାନଙ୍କ ଦ୍ୱାରା ସ୍ଥିର କରାଯାଇଛି। ଏଥିପାଇଁ ଜୁନ୍ ୧୮ରେ ମଙ୍ଗଳପାଗ ନୀତି ଅନୁଷ୍ଠିତ ହେବ।ପ୍ରାରମ୍ଭରେ ମ୍ୟାନେଜିଂ ଟ୍ରଷ୍ଟି ଉପ ଜିଲ୍ଲାପାଳ ଶ୍ରୀ ସ୍ୱୌରଭ ଚକ୍ରବର୍ତ୍ତୀକଂ ଦ୍ୱାରା ଉତ୍ସବ ସମ୍ପର୍କିତ ପ୍ରାରମ୍ଭିକ ସୂଚନା ପ୍ରଦାନ କରାଯାଇଥିଲା। ପରେ ଜିଲ୍ଲାପାଳ ଶ୍ରୀ ଦିଲିପ ରାଉତରାଏ ପ୍ରାରମ୍ଭିକ ଅଭିଭାଷଣ ରଖି ଉତ୍ସବକୁ ଶାନ୍ତିପୂର୍ଣ୍ଣ ଓ ସଫଳ ଭାବେ ସମ୍ପନ୍ନ କରିବାକୁ ସମସ୍ତ ବିଭାଗର ସମନ୍ୱୟ ଉପରେ ଗୁରୁତ୍ୱ ଦେଇଥିଲେ। ସେବାୟତ ଶ୍ରୀ ବିଜୟ କୁମାର ଦାସ ଶିବ ବିବାହ ଉତ୍ସବ ଦିନର ନୀତିକାନ୍ତି ଓ ପାରମ୍ପରିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବ୍ୟବସ୍ଥା, ବିଦ୍ୟୁତ ଯୋଗାଣ, ସ୍ୱାସ୍ଥ୍ୟ ସେବା, ଅଗ୍ନିଶମ ବ୍ୟବସ୍ଥା ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ସୂଚନା କେଂଦ୍ର ପରିଚାଳନା ସହ ବିଭିନ୍ନ ବିଭାଗକୁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଥିଲା। ସ୍ୱେଚ୍ଛାସେବୀ ମାନଙ୍କ ସହଯୋଗ ନେଇ ଭକ୍ତମାନଙ୍କ ସୁବିଧା ସୁନିଶ୍ଚିତ କରିବାକୁ ବି ଗୁରୁତ୍ୱ ଦିଆଯାଇଥିଲା।ପରିବେଶ ସୁରକ୍ଷା ଦୃଷ୍ଟିରୁ ବାଣ ଫୁଟା କାର୍ଯ୍ୟକ୍ରମରେ ସବୁଜ ବାଣ ବ୍ୟବହାର କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହାଛଡ଼ା ଶିବ ବିବାହ ଉତ୍ସବରେ ଜିଲ୍ଲା ସଂସ୍କୃତି ବିଭାଗ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ସମାରୋହ, ବ୍ୟୟ ଅଟକଳ ଓ କିଛି ସେବାୟତଙ୍କ ଦ୍ୱାରା ଭୁଲ ପରିଚୟ ଦେଖାଇ ଗର୍ଭଗୃହ ମଧ୍ୟକୁ ପ୍ରବେଶ ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା।

# ଟାର୍ଗେଟରେ ପଞ୍ଚାୟତ ଓ ପୌର ନିର୍ବାଚନ : ମହିଳା ଭୋଟରଙ୍କ ଉପରେ ସବୁ ଦଳର ନଜର

ଜୟପୁର, ୨୨/୦୫ (ନି.ପ୍ର): ଆଗକୁ କୋରାପୁଟ ଜିଲ୍ଲା ସମେତ ରାଜ୍ୟରେ ପଞ୍ଚାୟତ ଓ ପୌର ନିର୍ବାଚନ ହେବାର ସମ୍ଭାବନା ରହିଥିବା ବେଳେ ମହିଳା ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ବିଭିନ୍ନ ଦଳର ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି । କୋରାପୁଟ ଜିଲ୍ଲାରେ ଆଉ ହାତରେ ୮-୯ ମାସର ମହଲତ ବାକି ରହିଛି । ଏବେ ଠାରୁ ମହିଳା ଭୋଟ ହାତେଇବାକୁ କୋରାପୁଟ ଜିଲ୍ଲାରେ ୫ଟି ନିର୍ବାଚନ ମଣ୍ଡଳୀରେ ସବୁ ଦଳ ଲାଗି ପଡ଼ିଲେଣି । ଉଭୟ ଶାସକ ଓ ବିରୋଧୀ ଦଳ ରାସ୍ତାକୁ ଓହ୍ଲାଇ ମହିଳାଙ୍କ ପାଇଁ ସ୍ୱର ତେଜିଲେଣି । ପଶ୍ଚିମବଙ୍ଗରୁ ତାମିଲନାଡୁ, କେରଳରୁ ଆସାମ ଶକ୍ତି ଦେଖାଇଛନ୍ତି ମହିଳା ମତଦାତା । ସରକାର ହଟାଇବା ଠାରୁ ନୂଆ ସରକାର ଗଢ଼ିବା ଯାଏ ସବୁଠୁ ବଡ଼ ଭୂମିକା ନେଇଛନ୍ତି ମହିଳା ଭୋଟର । ବିଜେଡି ରାଜ୍ୟବ୍ୟାପୀ ଆରମ୍ଭ କରିଛି ନାରୀ ଅଧିକାର ଅଭିଯାନ । ପ୍ରତି ନିର୍ବାଚନମଣ୍ଡଳୀରେ ମହିଳାଙ୍କ ପାଇଁ ବିଜେଡି ଆସନ୍ତା ୨୫ ତାରିଖ ଯାଏଁ ବିକ୍ଷୋଭ ଚଳାଇଛି । ଖାଲି ସେତିକି ନୁହେଁ, ରାଜ୍ୟରେ ବିଭିନ୍ନ ନାରୀ ନିର୍ଯାତନା ଓ ହିଂସା ପ୍ରସଙ୍ଗକୁ ଜୋରଦାର ଭାବେ ଉଠାଇବାକୁ ବିଜେଡି ଲାଗି ପଡ଼ିଛି । ଖୋଦ୍ ବିଜେଡି ସଭାପତି ନବୀନ ପଟ୍ଟନାୟକ ଏଭଳି କୌଣସି ପ୍ରସଙ୍ଗ ମିଳିଲେ ସରକାରଙ୍କୁ ସିଧା ଆକ୍ରମଣ କରିବାର ସୁଯୋଗ ହାତଛଡ଼ା କରୁନାହାନ୍ତି । ନାରୀ ନିର୍ଯାତନା, ନାରୀ ଶକ୍ତି ବନ୍ଧନ ଅଧିନିୟମ ଲାଗୁ ଦାବି ପ୍ରସଙ୍ଗରେ କଂଗ୍ରେସ ମଧ୍ୟ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ମଶାଲ ଶୋଭାଯାତ୍ରା କରୁଥିବା ଦେଖିବାକୁ ମିଳିଛି । ନାରୀ ଶକ୍ତି ପାଇଁ ଶାସକ ବିଜେପି ମଧ୍ୟ ନିୟମିତ ରାସ୍ତାକୁ ଓହ୍ଲାଉଛି । ସଂସଦରେ ମହିଳା ସଂରକ୍ଷଣ ବିଲ୍ ପାରିତ ନହେବା ପରେ ସିଧା ବିଜେଡି ଓ କଂଗ୍ରେସକୁ ଦାୟୀ କରି ବିଜେପି ପକ୍ଷରୁ ରାଜ୍ୟ ସାରା ମହିଳା ଆକ୍ରୋଶ ରାଲି ଜାରି ରଖିଛି । ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ବିଜେପି ରାଜ୍ୟ ସଭାପତିଙ୍କ ସମେତ ଦଳର ସବୁ ବଡ଼ ନେତା ଏଥିରେ ସାମିଲ ହୋଇ ବିରୋଧୀଙ୍କୁ ଟାର୍ଗେଟ କରୁଛନ୍ତି । ବିରୋଧୀ ମଧ୍ୟ ଏ ପ୍ରସଙ୍ଗରେ ପାଲଟା ଆକ୍ରମଣ କରି ବିଜେପି ବିରୋଧରେ ପ୍ରଚାର ଚଳାଇଛନ୍ତି । ଉଭୟ ପଟୁ ଆକ୍ରମଣ-ପ୍ରତି ଆକ୍ରମଣ ଜାରି ରହିଛି । କେବଳ ସେତିକି ନୁହେଁ, ବୁଥ ସ୍ତରରେ ମହିଳା ଭୋଟକୁ ନିଜ ଆଡ଼କୁ ନେବା ପାଇଁ ତିନି ପ୍ରମୁଖ ଦଳ ରଣନୀତି ଚଳାଇଛନ୍ତି । ବୁଥ୍ ସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କୁ ଏଥିପାଇଁ ଦାୟିତ୍ୱ ଦିଆଯାଇଛି। ବିଜେଡି ଯେଉଁ ମହିଳା ଭୋଟ ବଳରେ ୨୪ ବର୍ଷ ଶାସନରେ ରହିଥିଲା, ବିଜେପି ବି ଅନୁରୂପ ସେଇ ଫର୍ମୁଲା ଲାଗୁ କରୁଥିବା ଲକ୍ଷ୍ୟ କରାଯାଇଛି । ତିନି ପ୍ରମୁଖ ଦଳର ମହିଳା ସଂଗଠନ ଏବେ ସକ୍ରିୟ ହୋଇପଡ଼ିଛନ୍ତି । ବିଗତ କିଛି ବର୍ଷ ହେବ ଲୋକସଭା ଓ ବିଧାନସଭା ନିର୍ବାଚନରେ ମହିଳା ଭୋଟ ନିର୍ଣ୍ଣାୟକ ଭୂମିକା ନେଉଛି । ଓଡ଼ିଶାରେ ବି ଏହି ଟ୍ରେଣ୍ଡ ଦେଖିବାକୁ ମିଳିଛି । ୨୦୨୪ ନିର୍ବାଚନରେ ରାଜ୍ୟରେ ମହିଳାଙ୍କ ମତଦାନ ହାର ଥିଲା ୭୫.୫୫% । ୨୦୧୯ରେ ବି ମହିଳାଙ୍କ ମତଦାନ ହାର ପୁରୁଷଙ୍କ ଠାରୁ ଅଧିକ ରହିଥିଲା । ବିଜେଡି ଓ ନବୀନ ପଟ୍ଟନାୟକଙ୍କ ୨୪ ବର୍ଷ ନିରଙ୍କୁଶ ଶାସନ ପଛରେ ସବୁଠାରୁ ବଡ଼ ଶକ୍ତି ଥିଲା ମହିଳାଙ୍କ ସମର୍ଥନ । ମିଶନ ଶକ୍ତି ମାଧ୍ୟମରେ ଗାଁ ଗାଁରେ ପ୍ରତି ଘରେ ନବୀନଙ୍କ ଭୋଟ ବ୍ୟାଙ୍କ ପହଞ୍ଚିଥିଲା । ୨୦୨୪ରେ ବିଜେପିର ସୁଭଦ୍ରା ଯୋଜନା ଘୋଷଣା ନବୀନଙ୍କ ମିଶନ ଶକ୍ତି ଭୋଟବ୍ୟାଙ୍କକୁ ଭାଙ୍ଗିବାରେ ସକ୍ଷମ ହୋଇଥିଲା ।

# ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ବେଆଇନ ସିଲିଣ୍ଡର ବ୍ୟବହାର ଉପରେ ଚଢ଼ାଉ : ୭ ସିଲିଣ୍ଡର ଜବତ

ସମ୍ବଲପୁର, ୨୨/୦୫ (ନି.ପ୍ର): ଆଜି ମଧ୍ୟାହ୍ନରେ ଜିଲ୍ଲା ଯୋଗାଣ ବିଭାଗ ସ୍ୱାର୍ଡ ଅଚାନକ ଅଇଁଠାପାଲି ଛକ ସ୍ଥିତ ଏକ ଟିଫିନ୍ ସେଂଟରରେ ଚଢ଼ାଉ କରିଥିଲା। ବେଆଇନ ଭାବେ ବ୍ୟବସାୟିକ କାର୍ଯ୍ୟରେ ଘରୋଇ ଗ୍ୟାସ୍ ସିଲିଣ୍ଡର ବ୍ୟବହାର କରୁଥିବା ନେଇ ସମ୍ପୃକ୍ତ ଦୋକାନ ମାଲିକ କେ. ଅଶୋକ ମୁଦୁଲିଙ୍କ ବିରୋଧରେ କେହି ବିରୋଧି ଅଭିଯୋଗ କରିବା ପରେ ବିଭାଗୀୟ ସ୍ୱାର୍ଡ ହଠାତ୍ ଦୋକାନ ଉପରେ ଚଢ଼ାଉ କରିଥିଲା । ଚଢ଼ାଉ ବେଳେ ୭ଟି ଘରୋଇ ଗ୍ୟାସ୍ ସିଲିଣ୍ଡର ବ୍ୟବସାୟୀକ ଭିତିରେ ବ୍ୟବହାର ହେଉଥିବା ଚିହ୍ନଟ ହୋଇଥିଲା । ସୂଚନା ଅନୁଯାୟୀ ୨ଟି ଖାଲି ଥିବା ବିପିସିଏଲ୍ ଘରୋଇ ସିଲିଣ୍ଡର, ୪ଟି ଖାଲି ଥିବା ଏଚପିସିଏଲ୍ ଘରୋଇ ସିଲିଣ୍ଡର, ୧ଟି ଗ୍ୟାସ୍ ଭର୍ତି ସିଲିଣ୍ଡର ସହିତ ନେଟ୍ ଓଜନ ୬.୧୦ କିଲୋଗ୍ରାମ ଥିବା ଆଇଓସିଏଲ୍ ଘରୋଇ ସିଲିଣ୍ଡର ଜବତ କରାଯାଇଥିବା ଜଣାପଡ଼ିଛି । ସହରରେ ବେଆଇନ ଭାବେ ଜାଳେଣୀ ଗ୍ୟାସର କଳାବଜାରୀ ଓ ବେଆଇନ ବ୍ୟବହାର ଉପରେ ନିଜ ପରିଚୟକୁ ଗୁପ୍ତ ରଖି ଅନେକ ସୂଚନାଦାତାଙ୍କ ସୂଚନା ଯୋଗାଣ ବିଭାଗର ଚଢାଉକୁ ବେଶ୍ ସୁଗମ କରୁଥିବା କୁହାଯାଉଛି । ଏହିପରି ଲୋକେ ସଚେତନ ରହି ଆଗାମୀ ଦିନରେ ବିଭିନ୍ନ ବେଆଇନ କାର୍ଯ୍ୟକଳାପ ସମ୍ପର୍କରେ ସମ୍ପୃକ୍ତ ବିଭାଗକୁ ଅବଗତ କରାଇଲେ ସମାଜ ଦୁର୍ନୀତିମୁକ୍ତ ହୋଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ଲକ୍ଷ୍ମୀ ଭାରତ ଗ୍ୟାସ ଏଜେନ୍ସି ଓ ଜନଜାଗୃତି ମଂଚର ସେଫ୍ଟି କ୍ଲିନିକ କାର୍ଯ୍ୟକ୍ରମ




ଉଦଳା, ୨୨/୫ (ନି.ପ୍ର): ଉଦଳାରେ ଥିବା ଲକ୍ଷ୍ମୀ ଭାରତ ଗ୍ୟାସ ଏଜେନ୍ସି ଓ ମୟୂରଭଂଜରେ କାର୍ଯ୍ୟରତ ଲୋକ ସଂଗଠନ ଜନଜାଗୃତି ମଂଚ ତରଫରୁ ମିଳିତ ଭାବରେ ଚଳିତ ମଇ ୨୧ ତାରିଖ ଗୁରୁବାର ଦିନ ନିକଟସ୍ଥ ଚୁଲିଆପୋଷି ଗ୍ରାମ ଠାରେ ସେଫ୍ଟି କ୍ଲିନିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଗ୍ୟାସ ଏଜେନ୍ସିର ପ୍ରୋଗ୍ରାମ ମ୍ୟାନେଜର ପ୍ରଦୀପ କୁମାର ରାଉତ ପ୍ରାରମ୍ଭରେ ଆଜିର ଏହି କାର୍ଯ୍ୟକ୍ରମର ଉଦେଶ୍ୟ ସମ୍ପର୍କରେ ଅବଗତ କରାଇବାକୁ ଯାଇ ଘରେ ଘରେ ବ୍ୟବହୃତ ଗ୍ୟାସ ଚୁଲିର ବ୍ୟବହାର ଠିକ୍ ଭାବରେ ଜାଣିନଥିବା ଯୋଗୁଁ କିପରି ବିପଦକୁ ଆମେ ଡ଼ାକି ଆଣିଥାଉ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ମଂଚର ଟିମ ଲିଡ଼ର ଗଦାଧର ଦାଶ ରୋଷେଇ କାମରେ ମୁଖ୍ୟତ ମହିଳା ମାନେ ନିୟୋଜିତ ଥିବାରୁ ଏହାର ବ୍ୟବହାର ବିଷୟରେ ସେମାନେ ପ୍ରଥମେ ଅବଗତ ହେବା ଉଚିତ ବୋଲି ବ୍ୟକ୍ତ କରିଥିଲେ । ଏହାପରେ ଗ୍ୟାସ ଏଜେନ୍ସିର କର୍ମଚାରୀ ଶୁଭେନ୍ଦୁ ମହାନ୍ତି ଓ ମଂଚର ସ୍ୱେଚ୍ଛାସେବି ମାନସ କୁମାର ବେହେରା ପ୍ରଶିକ୍ଷକ ଭାବରେ ଗ୍ୟାସ ସିଲିଣ୍ଡର ଓ ଚୁଲିର ବ୍ୟବହାର ସମ୍ପର୍କରେ ତନ୍ନ ତନ୍ନ କରି ବୁଝାଇଥିଲେ । ବିଶେଷ କରି ଗ୍ୟାସ ସିଲିଣ୍ଡର କିପରି ଖୋଲାଯାଏ, ରେଗୁଲେଟର କିପରି ଲଗାଯାଏ, କେଉଁ ସୁଇଚ କେତେ ବେଳେ ଏବଂ କିପରି ଅଫ ଅନ କରାଯାଏ ଇତ୍ୟାଦି ବିଷୟରେ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ । ଏହାପରେ କାହାର ଏକ୍ସପରି ଡ଼େଟ କେବେ ରହିଛି କିପରି ଜାଣିବା ଅବଗତ କରାଇବା ସହ ରୋଷେଇ କରୁଥିବା ସମୟରେ କିପରି ସର୍ତକତା ଅବଲମ୍ବନ କରିବାକୁ ପଡ଼ିବ ଜଣାଇଥିଲେ । ଶେଷରେ ସ୍ୱେଚ୍ଛାସେବି ଚିତ ରଂଜନ ପ୍ରଧାନ ଯଦି କୌଣସି ସମୟରେ ସିଲିଣ୍ଡରରେ ନିଆଁ ଲାଗିଯାଏ ତେବେ ଭୟଭିତ ନହୋଇ ସଙ୍ଗେ ସଙ୍ଗେ ଘରେ ଥିବା ଅଖା କିମ୍ୱା କନ୍ଥାକୁ ପାଣିରେ ବୁଡ଼ାଇ ଘୋଡ଼ାଇ ଦେବୋ ଓ ଗ୍ୟାସ ଏଜେନ୍ସି ତରଫରୁ ପ୍ରଦାନ କରାଯାଇଥିବା ହେଲ୍ପଲାଇନ ନମ୍ବରକୁ ଫୋନ କରି ଜଣାଇଦେବା ବୋଲି ସୂଚନା ପ୍ରଦାନ କରିଥିଲେ । ଏହି ସଚେତନ ମୂଳକ କାର୍ଯ୍ୟକ୍ରମଟି ବେଶ ଶିକ୍ଷଣୀୟ ଥିଲା ବୋଲି ଗ୍ରାମବାସୀ ମାନେ କହିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ କୌଳାଶ ଚନ୍ଦ୍ର ନାୟକ, ସୁବ୍ରତ କୁମାର ମହାନ୍ତି, ରବିନ୍ଦ୍ର ଖଣ୍ଡେଇ, ସସ୍ମିତା ମଢ଼େଇ, ଦଶରତ ପାତ୍ର, ଦେବକୀ ହେମ୍ବ୍ରମ ପ୍ରମୁଖ ସହଯୋଗ କରିଥିଲେ ।

## ଶାରୀରିକ ଶିକ୍ଷା ଅଧିକାରୀଙ୍କ ରାଜ୍ୟସ୍ତରୀୟ ଦିଗଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ

ଭୁବନେଶ୍ୱର, ୨୨/୫ (ନି.ପ୍ର): ରାଜ୍ୟର ଶାରିରୀକ ଶିକ୍ଷା ଅଧିକାରୀମାନଙ୍କୁ ନେଇ ଦୁଇ ଦିବସୀୟ ଦିଗଦର୍ଶନ ତଥା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିରେନ୍ଦ୍ର କର୍କରା ଉଦଘାଟନ କରିବା ସହ ସମସ୍ତ ଅଧିକାରୀମାନଙ୍କୁ ଦିଗଦର୍ଶନ ଦେଇଛନ୍ତି । ସେହିପରି ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ଫୁଲମଣି ମୁର୍ମୁ ଉପସ୍ଥିତ ଥିଲେ । ଏହି ଦିଗଦର୍ଶନ କାର୍ଯ୍ୟକ୍ରମରେ ୬ ଗୋଟି କ୍ରୀଡ଼ା ଯଥା- ଯୋଗାସନ, ଟାଇକୋଣ୍ଡୋ, ସଫ୍ଟବଲ, ଉଷୁ, ସାଇକେଲିଂ ଓ ସ୍କେଟିଂ କ୍ରୀଡାର ପ୍ରଶିକ୍ଷମାନେ ଯୋଗ ଦେଇଥିଲେ ଏବଂ ଶାରୀରିକ ଶିକ୍ଷା ଅଧିକାରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଉଷୁର ଅନ୍ତର୍ଜାତୀୟ ପ୍ରଶିକ୍ଷକ ଶ୍ରୀ ପ୍ରଦ୍ୟୁମ୍ନ ବେହେରା, ସାଇକେଲିଂ ଆସୋସିଏସନର ସମ୍ପାଦକ ପ୍ରସନ୍ନ ରାଉତ, ସ୍କେଟିଂ ସଂଘର ସହସଂଯୋଜକ ପ୍ରଦ୍ୟୁମ୍ନ କିଶୋର ପ୍ରହରାଜ ଓ କୋଚ୍ ନିମିଶ୍ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ । ମଇ ୨୧-୨୨ ରେ ଅନୁଷ୍ଠିତ ହୋଇଥିବା ଦିଗଦର୍ଶନ କାର୍ଯ୍ୟକ୍ରମରେ ଓଡ଼ିଶାର ୩୦ ଗୋଟି ଜିଲ୍ଲାର ଶାରିରୀକ ଶିକ୍ଷା ଅଧିକାରୀମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରୁ ତାଲିମ୍ ନେବା ପରେ ନିଜ ନିଜ ଜିଲ୍ଲାରେ ଏହାର ପ୍ରଚାରପ୍ରସାର କରିବା ନିମନ୍ତେ ନିର୍ଦ୍ଦେଶକ ଶ୍ରୀ କର୍କରା ନିର୍ଦ୍ଦେଶ ଦେଇଥିଲେ ।

# କଳାକାରମାନଙ୍କ ଦୁଃଖ ଜଣାଇବା ପରେ ମଧ କର୍ଣ୍ଣପାତ ନ କରିବାରୁ ଆମରଣ ଅନଶନ ଚେତାବନୀ



ଭଦ୍ରକ , ୨୨/୫ (ନି.ପ୍ର): ଭଦ୍ରକର କଳାକାର ମାନେ ବାରମ୍ବାର ସରକାର ଓ ଜିଲ୍ଲା ପ୍ରଶାସନକୁ ସେମାନଙ୍କର ଦୁଃଖ ଜଣାଇବା ପରେ ମଧ ସରକାର କିମ୍ବା ପ୍ରଶାସନ କୌଣସି କର୍ଣ୍ଣପାତ ନ କରିବାରୁ ଆଜି ଶୁକ୍ରବାର ଭଦ୍ରକର କଳାକାର ମାନେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ଓ ଜିଲ୍ଲା ସଂସ୍କୃତି ଅଧିକାରିଣୀ ତନୁଜା ସିର୍କାଙ୍କୁ ଭେଟି ଆମରଣ ଅନଶନ ନେଇ ଚେତାବନୀ ଦେଇଛନ୍ତି । କବି କଳାକାର ମାନଙ୍କ ପାଇଁ ଭଦ୍ରକ ମାଟି ଆଜି ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ସ୍ଥାନ ବଜାଇ ରଖିଛି । ଭଦ୍ରକ ଜିଲ୍ଲାର ୨୦୨୧ ମସିହାର ମାନ୍ୟବର ସରକାରଙ୍କ ବିଧିବଦ୍ଧ ନିୟମ ମୁତାବକ ଅଡିସନ ଟେଷ୍ଟରେ କଳାକାର ମାନେ ମନୋନିତ ହୋଇଛନ୍ତି କିନ୍ତୁ ଆଜି ପର୍ଯ୍ୟନ୍ତ ମିଳି ପାରିନି କଳାକାର ଭତ୍ତା । ଦୀର୍ଘଦିନ ହେଲା ଦୁଃଖକୁ ଜିଲ୍ଲା ସଂସ୍କୃତି ଅଧିକାରିଣୀ, ଜିଲ୍ଲାପାଳ, ନିର୍ଦ୍ଦେଶକ, ଓଡିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ମାନ୍ୟବର ବିଭାଗୀୟ ମନ୍ତ୍ରୀଙ୍କୁ ଅନେକବାର ଭେଟିବା ସହ ସରକାରୀ ଚିଠି ସହ ଦାବି ପତ୍ରକୁ ଲିଖିତ ଭାବରେ ଅବଗତ କରାଇଛନ୍ତି ତଥାପି ଦୁଃଖକୁ କୌଣସି ଦୃଷ୍ଟି କୋଣରୁ କଣପାତ କେହି ବି କଲେ ନାହିଁ କିମ୍ବା କୌଣସି ପଦକ୍ଷେପ ଗ୍ରହଣ କଲେ ନାହିଁ । ଶେଷରେ ବାଧ ହୋଇ 'ଆମରଣ ଅନସନ' କରିବା ପାଇଁ ଆଜି ବିଧିବଦ୍ଧ ଭାବରେ ନିଷ୍ପତି ନେଇଛନ୍ତି କଳାକାର। ପ୍ରକାଶ ଯେ,ଓଡିଶା ସରକାର ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଚିଠି ସଂଖ୍ୟା ୮୬୨୨/୦୮/୧୦/୨୦୨୧ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବଙ୍କ ଚିଠି ସଂଖ୍ୟା ଇଚ-୦୯/୨୦୨୨-୧୧୧୩୧ ତା ୨୨/୦୮/୨୦୨୩ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ପତ୍ର ସଂଖ୍ୟା ୧୪୩୧୬ ତା ୧୪/୧୧/୨୦୨୩ରେ ଥିବା ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ଆର୍ଥିକ ସହାୟତା ପ୍ରସଙ୍ଗରେ ଜିଲ୍ଲାପାଳ ମହୋଦୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ ବୋଲି ଅଭିଯୋଗ ଆଣିଛନ୍ତି କଳାକାର। କଳାକାରଙ୍କ ସଂଖ୍ୟା ଜିଲ୍ଲା ରେ ୯୫୧ଜଣ ହୋଇଥିବା ସ୍ଥଳେ ଅଭାବର ଶିକାର ହୋଇ ବହୁ ସଂଖ୍ୟକ ବୃଦ୍ଧ କଳାକାର ଓ ଅସୁସ୍ଥତା କଳାକାର ସ୍ୱର୍ଗତ ହୋଇଯାଇଅଛନ୍ତି । ଆମ୍ଭେ ସରକାରଙ୍କ ଆର୍ଥିକ ସହାୟତା ପାଇଁ ଜିଲ୍ଲାପାଳ, ସରକାରଙ୍କୁ ବହୁବାର ପାର୍ଥନା କରିଥିଲେ ମଧ କିଛି ପଦକ୍ଷେପ ଗ୍ରହଣ କରାଗଲା ନାହିଁ । ୭ ଦିନ ମଧରେ ଯଦି ଉଚିତ ବିଚାର କରା ନଯାଏ ତେବେ 'ଆମରଣ ଅନସନ' କରିବା ପାଇଁ ଚେତାବନୀ ଦେଇଛନ୍ତି । କଳାକାର ମାନଙ୍କ ମଧରେ । କ୍ଷେତ୍ରବାସୀ ବାରିକ, କୁଳମଣୀ ବେହେରା, ସୁଦାମ ଚନ୍ଦ୍ର ସାହୁ କୁଳମଣି ନାଥ, ପୁର୍ଣ୍ଣମା ବେହେରା, ତ୍ରିଲୋଚନ ପଣ୍ଡା, ବିନୋଦ ବିହାରୀ ଜେନା,ବିରଜା ମିଶ୍ର, ରମେଶ ମାଝୀ,ତପନ ମିଶ୍ର,ଜୟନ୍ତ ନାୟକ,କୃପାସିନ୍ଧୁ ନାୟକ, ହେମନ୍ତ ନାୟକ ପ୍ରମୁଖ କଳାକାର ମାନେ ଦାବିପତ୍ର ଦେଇଥିଲେ ।

# ବିଶ୍ୱପୁସ୍ତକ ଦିବସ ଅବସରରେ ଜିଲ୍ଲାପାଳଙ୍କୁ ପୁସ୍ତକ ପ୍ରଦାନ



ଖୋରଧା , ୨୨/୫ (ନି.ପ୍ର): ରାଜ୍ୟର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ଦଶରଥପୁର, ଯାଜପୁରର ସାରସ୍ୱତ ସାହିତ୍ୟ ସାଂସ୍କୃତିକ ପରିଷଦର ଉପ-ସଭାପତି ତଥା ଏହାର ମୁଖପତ୍ର 'ବର୍ତ୍ତିକା'ର ସୋଜନ୍ୟ ସମ୍ପାଦକ ଦେବେନ୍ଦ୍ର ନାରାୟଣ ବାରିକ ବିଶ୍ୱ ପୁସ୍ତକ ଦିବସ ଅବସରରେ ଖୋରଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ ଙ୍କୁ ତାଙ୍କ କାର୍ଯ୍ୟାଳୟ ରେ ସାକ୍ଷାତ କରି 'ବର୍ତ୍ତିକା'ର ବିଷୁବ ତଥା ସ୍ୱନକ୍ଷତ୍ର ବିଶେଷାଙ୍କ ଓ ଆଦର୍ଶ ଶିକ୍ଷକ ସ୍ୱର୍ଗତ ଖଗେଶ୍ୱର ବାରିକ ଙ୍କ ପୁସ୍ତକ 'ସୋନାଲୀର ହସ' ପ୍ରଦାନ କରିଥିଲେ । ଜିଲ୍ଲାପାଳ ପୁସ୍ତକ ଦୁଇଟି ଗ୍ରହଣ କରି ଖୁସି ବ୍ୟକ୍ତ କରିବା ସହ ଶ୍ରୀଯୁକ୍ତ ବାରିକ ଙ୍କୁ ଧନ୍ୟବାଦ ଦେଇଥିଲେ ।

## ବ୍ରହ୍ମପୁର ଏମକେସିଜିରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨/୫ (ନି.ପ୍ର):ବ୍ରହ୍ମପୁର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଠାରେ ଏକ ସମୀକ୍ଷା ବୈଠକ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମନ୍ତ୍ରୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଲୋକଙ୍କ ଜୀବନ ବଂଚାଇବା ଓ ଚିକିତ୍ସା ବ୍ୟବସ୍ଥାକୁ ନବଦୀଗନ୍ତ ଦେବା ପାଇଁ ମେଡିକାଲ ଷ୍ଟାର୍ଟଅପ୍ ଓ ଇନୋଭେସନ୍ ଉପରେ ଗୁରୁତ୍ୱ ଦେବାପାଇଁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

# ଦାମୋଦର ସଂସ୍କୃତ ମହାବିଦ୍ୟାଳୟରେ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ




ଭଦ୍ରକ , ୨୨/୫ (ନି.ପ୍ର): ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ ଅଧକ୍ଷ ଡଃ ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭାଷା ସାହିତ୍ୟବିତ୍ ତଥା ପ୍ରାକ୍ତନ ଅଧକ୍ଷ ଡଃ କୃପାସିନ୍ଧୁ ନାୟକ, ସମ୍ମାନିତ ଅତିଥି ଅକ୍ଷୟ କୁମାର ପାଣିଗ୍ରାହୀ ଓ ବିଶିଷ୍ଟ ଅତିଥି ଅଧାପିକା ପ୍ରଭାତୀ ନାୟକ ପ୍ରମୁଖ ଯୋଗଦେଇ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମର ସଦୁପଯୋଗ ଓ ଦକ୍ଷତା ପ୍ରତିପାଦନ ସଂପର୍କରେ ଆଲୋକପାତ କରିଥିଲେ । ଲୋକଭାଷା ପ୍ରଚାର ସମିତି ଆନୁକୂଲ୍ୟରେ ୨୦ଦିନ ବ୍ୟାପୀ ସଂସ୍କୃତ ସମ୍ଭାଷଣ କାର୍ଯ୍ୟକ୍ରମରେ ଆଭାସୀ ମାଧମରେ ପ୍ରଚାର ସମିତିର ରାଷ୍ଟ୍ରିୟ ଅଧକ୍ଷ ଡଃ ସଦାନନ୍ଦ ଦୀକ୍ଷିତ ଔପଚାରିକ ଭାବେ ଉଦ୍‌ଘାଟନ କରିଥିବାବେଳେ ରାଷ୍ଟ୍ରିୟ ସଚିବ ବିଭୂତି ଭୂଷଣ କର ଓ ଡଃ ସାଗରିକା ସଂସ୍କୃତ ସମ୍ଭାଷଣ ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ ସମ୍ଭାଷଣ କାର୍ଯ୍ୟକ୍ରମ +୩ ଶାସ୍ତ୍ରୀ ଚତୁର୍ଥ ସେମିଷ୍ଟାର ର ଛାତ୍ର, ଛାତ୍ରୀମାନେ ଯୋଗ ଦେଇଥିବା ବେଳେ ଗୌରାଙ୍ଗ ଦାସ ସଭା ସଂଚାଳନା କରିଥିଲେ। ପରିଶେଷରେ ଅଧାପିକା ସ୍ୱର୍ଣ୍ଣଲତା ପାକଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ପାଳିତ: ନିୟମିତ ବ୍ୟବଧାନରେ ରକ୍ତଚାପ ପରୀକ୍ଷା ଓ ସୁସ୍ଥ ଜୀବନଶୈଳୀ ଅନୁସରଣ ପାଇଁ ଆହ୍ୱାନ



ବାରିପଦା, ୨୨/୫ (ନି.ପ୍ର): ବିଶ୍ୱ ଉଚ୍ଚ ରକ୍ତଚାପ ଦିବସ ଉପଲକ୍ଷେ ମୟୂରଭଞ୍ଜ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଧନୁର୍ଜୟ ମହନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ପାଇଁ ନିୟମିତ ପରୀକ୍ଷା, ସୁସ୍ଥ ଖାଦ୍ୟାହାର, ବ୍ୟାୟାମ ଓ ସଠିକ୍ ଜୀବନଶୈଳୀ ଅନୁସରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ଡା. ମହନ୍ତ ଉଚ୍ଚ ରକ୍ତଚାପକୁ "ନିରବ ଘାତକ" ବୋଲି ଉଲ୍ଲେଖ କରି ସମସ୍ତଙ୍କୁ ନିୟମିତ ବ୍ୟବଧାନରେ ରକ୍ତଚାପ ପରୀକ୍ଷା କରାଇବା ସହ ସୁସ୍ଥ ଜୀବନଶୈଳୀ ଅନୁସରଣ ପାଇଁ ଆହ୍ୱାନ କରିଥିଲେ । ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁବାସ ଚନ୍ଦ୍ର ନାୟକ ୩୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତିମାନଙ୍କୁ ପ୍ରତି ଛଅ ମାସରେ ନିୟମିତ ରକ୍ତଚାପ ପରୀକ୍ଷା କରାଇବାକୁ ଅନୁରୋଧ କରିଥିଲେ । ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ଶଶିକାନ୍ତ ସେଠୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଅନିୟମିତ ଜୀବନଶୈଳୀ, ଅସନ୍ତୁଳିତ ଖାଦ୍ୟାହାର ଓ ମାନସିକ ଚାପ ଉଚ୍ଚ ରକ୍ତଚାପର ପ୍ରମୁଖ କାରଣ । ନିୟମିତ ବ୍ୟାୟାମ, ସୁସ୍ଥ ଖାଦ୍ୟାହାର ଓ ଧୂମପାନ-ମଦ୍ୟପାନରୁ ଦୂରରେ ରହିବା ଦ୍ୱାରା ଏହାକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ସେ ମତ ପ୍ରକାଶ କରିଥିଲେ। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ଦାସ କହିଥିଲେ ଯେ, ସଚେତନତା ଓ ନିୟମିତ ସ୍କ୍ରିନିଂ ମାଧମରେ ଉଚ୍ଚ ରକ୍ତଚାପକୁ ପ୍ରାରମ୍ଭିକ ଅବସ୍ଥାରେ ଚିହ୍ନଟ କରାଯାଇପାରିବ । ସୁସ୍ଥ ଜୀବନଶୈଳୀ ଅନୁସରଣ କଲେ ହୃଦରୋଗ ଓ ଷ୍ଟ୍ରୋକ୍ ଭଳି ଜଟିଳ ରୋଗର ଝୁମ୍ପ କମିପାରିବ ବୋଲି ସେ କହିଥିଲେ। ଅନ୍ୟ ମାନଙ୍କ ମଧରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁନନ୍ଦା ମିଶ୍ର କହିଥିଲେ ଯେ, ପରିବାର କଲ୍ୟାଣ ଓ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧମରେ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ ପାଇଁ ବିଭିନ୍ନ ସଚେତନତା ଓ ସ୍କ୍ରିନିଂ କାର୍ଯ୍ୟକ୍ରମ ଚାଲିଛି । ନିୟମିତ ଫଲୋ-ଅପ୍ ଓ ଡାକ୍ତରଙ୍କ ପରାମର୍ଶ ମାନିଲେ ସୁସ୍ଥ ଜୀବନଯାପନ ସମ୍ଭବ ବୋଲି ସେ ଉଲ୍ଲେଖ କରିଥିଲେ ।

ଏହି ଅବସରରେ ରାଇରଙ୍ଗପୁର, ବହଳଦା ଓ ଶାମଖୁଣ୍ଟା ବ୍ଲକକୁ ଉଚ୍ଚ ରକ୍ତଚାପ ପରୀକ୍ଷା, ଚିକିତ୍ସା ଓ ପରବର୍ତ୍ତୀ ଯାଞ୍ଚ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଥିଲା।

କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ଅଣ-ସଂକ୍ରାମକ ରୋଗ ବିଭାଗର ଡା. ଜ୍ଞାନେନ୍ଦ୍ର ମହାନ୍ତି, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ପରିଚାଳକ ଅନିଲ କୁମାର ମହାନ୍ତି, ଧନୁ ମୁର୍ମୁ ଓ ଗଣେଶ୍ୱର ମହାନ୍ତି ପ୍ରମୁଖ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ । ସେହିପରି ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ ଏଏନଏମମାନେ ଯୋଗଦେଇ ଜନସାଧାରଣଙ୍କୁ ରକ୍ତଚାପ ନିୟନ୍ତ୍ରଣ ସମ୍ବନ୍ଧୀୟ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ ।

## ଦଶମ ଶ୍ରେଣୀ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୨୨/୫ (ନି.ପ୍ର): ବାଲିପାଟଣା ଶ୍ରୀ ବୁଦ୍ଧନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ବ୍ଲକ ସ୍ତରୀୟ ମେଧାବୀ ସମ୍ବର୍ଦ୍ଧନା ପର୍ବରେ ୮ ଜଣ ଏ୧ ଗ୍ରେଡ ରଖି ପାସ୍ କରିଥିବା ଛାତ୍ରଛାତ୍ରୀ ଓ ୫୪ ଜଣ ଏ୨ ଗ୍ରେଡରେ ପାସ୍ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନେ ଏହି ବାଲିପାଟଣା ବ୍ଲକ ପାଇଁ ଗର୍ବ ଓ ଗୌରବ ବୋଲି କହିଛନ୍ତି। ମନ୍ତ୍ରୀ କହିଛନ୍ତି ଆଜି ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କ ପଛରେ ସେମାନଙ୍କର ପିତାମାତା ଏବଂ ଶିକ୍ଷକଙ୍କ ଅବଦାନ ଖୁବ୍ ରହିଛି । ପିତାମାତାମାନେ ସେମାନଙ୍କ ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ବେଳେ ଶିକ୍ଷକମାନେ ଧୈର୍ଯ୍ୟ ଏବଂ ପ୍ରତିବଦ୍ଧତା ସହିତ ମାର୍ଗଦର୍ଶନ କରାଇ ଥିବାରୁ ଏହି ସଫଳତା ଛାତ୍ରଛାତ୍ରୀଙ୍କୁ ମିଳିଛି।

# ବଜରଙ୍ଗ ଦଳ ଖବରଦାତା ସମ୍ମିଳନୀ

ଖୋର୍ଦ୍ଧା, ୨୨/୫ (ନି.ପ୍ର): ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚଏଚ), ଖୋର୍ଦ୍ଧା ରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି । ଗତ କିଛି ମାସ ହେବ ଡିଏଚଏଚରେ ବଜରଙ୍ଗ ଦଳ ଲୋକଙ୍କୁ ସେବା ଯୋଗାଇ ଆସୁଛି । ବିଭିନ୍ନ ପ୍ରସଙ୍ଗରେ ଡିଏମଓ ଡା ଶ୍ୟାମାପ୍ରସାଦ ମିତ୍ର ଙ୍କୁ ସହ ଆଲୋଚନା କରାଯାଇଛି । ତେବେ ଗତ ୧୪ ତାରିଖରେ ଡିଏଚଏଚରେ କାର୍ଯ୍ୟରତ ସୁରକ୍ଷା କର୍ମୀ ମାନେ ଏପ୍ରିଲ ମାସର ମାସିକ ଦରମା ନପାଇ ଧାରଣା ଦେଇଥିଲେ । ବଜରଙ୍ଗ ଦଳ ଏକ ରାଷ୍ଟ୍ରବାଦୀ ଯୁବ ସଙ୍ଗଠନ ହିସାବରେ ସଂସ୍ଥା କତୃପକ୍ଷଙ୍କ ସହ ଆଲୋଚନା ପାଇଁ ଯାଇଥିଲେ । ସେହି ସମୟରେ ଡିଏମଓ ମିତ୍ର ଘଟଣା ସ୍ଥଳରେ ସୁରକ୍ଷା କର୍ମୀଙ୍କ ସହ ଆଲୋଚନା କରିବା ବେଳେ ଆମର କିଛି କର୍ମକର୍ତା ଏହାର ଚିତ୍ରତ୍ତୋଳନ କରୁଥିଲେ ଓ ତେବେ ଡିଏମଓ ଉତ୍ୟକ୍ତ ହୋଇ କାହିଁକି ଭିଡିଓ କରୁଛ କହି ଗାଳିଗୁଲଜ କରିବା ସହ ହାତରୁ ମୋବାଇଲ ଛଡାଇବାକୁ କେନ୍ଦ୍ର କରି ଯୁକ୍ତିତର୍କ ହୋଇଥିଲା । ଡିଏମଓ ମିତ୍ର ଙ୍କୁ ଧରା ମାରିବା କଥା ସମ୍ପୂର୍ଣ୍ଣ ମିଥ୍ୟା । ବଜରଙ୍ଗ ଦଳ ନାଁ ନେଇ ଆମ ନାମରେ ଆଦର୍ଶ ଥାନାରେ ମିଥ୍ୟା ଅଭିଯୋଗ କରିଛନ୍ତି । ପୂର୍ବରୁ ଡିଏଚଏଚର ବିଭିନ୍ନ ସମସ୍ୟା ନେଇ ଡିଏମଓ ଏବଂ ସିଡିଏମଓ ଙ୍କୁ ଦାବିପତ୍ର ଦିଆଯାଇଛି । ଡିଏମଓ ଆକ୍ରୋଶ ମୂଳକ ଭାବେ ବଜରଙ୍ଗ ଦଳକୁ ବଦନାମ କରିଛନ୍ତି । ଡାକ୍ତରଙ୍କ ପ୍ରତି ଆମର ଯଥେଷ୍ଟ ସମ୍ମାନ ରହିଛି । ଏହି ଘଟଣା ସମ୍ପର୍କରେ ଜିଲାପାଳ, ସିଡିଏମଓ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗୀୟ ମନ୍ତ୍ରୀ ଶାସନ ସଚିବଙ୍କୁ ମଧ୍ୟ ଇ-ମେଲ ଜରିଆରେ ଅବଗତ କରାଯାଇଛି । ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚାଲିଥିବା ଆର୍ଥୀକ ଅନିୟମିତତା, ଆଉଟସୋସିଂଙ୍କୁ ନିଯୁକ୍ତି ଦୁର୍ନୀତି ଘଟଣାର ତଦନ୍ତ କରିବାକୁ ବଜରଙ୍ଗ ଦଳ ଦାବି କରିଛି । ଡିଏମଓ ଏବଂ ବିଭିନ୍ନ ଦୁର୍ନୀତିରେ ଲିପ୍ତ ରହିବା ଅସାଧୁ କର୍ମଚାରୀଙ୍କୁ ତୁରନ୍ତ ଏଠାରୁ ବଦଳି କରିବାକୁ ଗୁରୁବାର ଶ୍ରୀରାମକୃଷ୍ଣ ଗୋଶାଳାରେ ବଜରଙ୍ଗ ଦଳ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି । ଜିଲା ସଂଯୋଜକ ଉଦିତ୍ୟ ନାରାୟଣ ପ୍ରହରାଜ କହିଲେ ଯେ, ଗତ ୧୪ ତାରିଖ ଘଟଣା ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ ସହ କିଲାପାଳ ଏବଂ ଜିଲା ଆରକ୍ଷୀ ଅଧିକ୍ଷକ ଙ୍କୁ ମଧ୍ୟ ଅବଗତ କରାଯାଇଛି । ଡିଏମଓ ଅଭିଯୋଗ କ୍ରମେ ଆଦର୍ଶ ଥାନା ପକ୍ଷରୁ ସୁରକ୍ଷା କର୍ମୀ ସୁପରଭାଇଜରଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା । ସେ ଜଣେ ଅବସରପ୍ରାପ୍ତ ସେନା କର୍ମଚାରୀ । ଦେଶର ସୁରକ୍ଷା ପାଇଁ ସୀମାରେ ଲଢେଇ କରିଥିବା ସେ ସେନା ନିବୃତ କର୍ମଚାରୀଙ୍କୁ ଡିଏମଓ ଅପମାନିତ କରିଛନ୍ତି । ସେ ଆହୁରୀ ଅଭିଯୋଗ କରିଛନ୍ତି ଡିଏଚଏଚ ରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିଛି । ସୁରକ୍ଷା କର୍ମୀ ଏବଂ ଗତ କିଛି ଦିନ ତଳେ ମେଡିକାଲରେ ନିଯୁକ୍ତ ପାଇଥିବା ଆଉଟସୋର୍ଫି କର୍ମଚାରୀଙ୍କ ଠାରୁ ମୋଟା ଅଙ୍କ ନିଆଯାଇଛି । ଏହାର ଖୋଲାତାଡ କରାଗଲେ ପ୍ରକୃତ ଘଟଣା ପଦାକୁ ଆସିବ । ସୁରକ୍ଷା କର୍ମୀଙ୍କୁ କିଏ ଫେବର ମାଗୁଛି, ବଜରଙ୍ଗ ଦଳ ପାଖରେ ସମ୍ପୂର୍ଣ୍ଣ ପ୍ରମାଣ ରହିଛି । ଠିକ ସମୟରେ ସମସ୍ତ କେଳେଙ୍କାରୀ ପର୍ଦାଫାଶ କରାଯିବ । ରୋଗୀଙ୍କୁ ଅତି ନିମ୍ନ ମାନର ଖାଦ୍ୟ ଦିଆଯାଉଛି । ମେଡିକାଲରେ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଶୌଚାଳୟ ନିୟମିତ ସଫା କରାଯାଉନାହିଁ, ଏପରିକି ରୋଗୀଙ୍କ ପ୍ରତି ସାସ୍ଥ୍ୟକର୍ମୀଙ୍କ ବ୍ୟବହାର, ଉତମ ସେବାରେ ଅବହେଳା କରାଯାଉଥିବା ନେଇ ବଜରଙ୍ଗ ଦଳ ପକ୍ଷରୁ ସିଡିଏମଓ ଏବଂ ଡିଏମଓଙ୍କୁ ଅଭିଯୋଗ କରାଯାଉଛି ।

# ପାନୀୟ ଜଳ ପାଇଁ ଡହଳ ବିକଳ ଉପର ବାଗବୁଡାବାସୀ: ଖରାପ ନଳକୂପ ସଜାଡ଼ିବାକୁ ପ୍ରତିଶ୍ରୁତି ଦେଲେ କନିଷ୍ଠ ଯନ୍ତ୍ରୀ

ଜଳେଶ୍ୱର, ୨୨/୫ (ନି.ପ୍ର): ସ୍ୱାଧୀନତାର ୭୯ ବର୍ଷ ପରେ ମଧ ଗ୍ରାମବାସୀ ପିଇବା ପାଣି ମୁନ୍ଦେ ପାଇଁ ଡହଳ ବିକଳ ହେଉଛନ୍ତି। ଏଭଳି ଏକ ଅଭାବନୀୟ ଚିତ୍ର ଦେଖିବାକୁ ମିଳିଛି ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା ଅନ୍ତର୍ଗତ ବରଡିହା ପଂଚାୟତର ୧୫ ନମ୍ବର ୱାର୍ଡ ଉପରବାଗବୁଡା ଗ୍ରାମରେ। ଗ୍ରାମରେ ପ୍ରାୟ ୬୦ଟି ପରିବାରର ୫୦୦ରୁ ଅଧିକ ଲୋକ ବସବାସ କରୁଥିବା ବେଳେ ସେମାନଙ୍କ ପାଇଁ ପାନୀୟ ଜଳର ସୁବିଧା ସାତସପନ ପାଲଟିଛି। ଗ୍ରାମରେ ମୋଟ ଚାରୋଟି ନଳକୂପ ରହିଛି, ଯେଉଁଥିରୁ ତିନୋଟି ଦୀର୍ଘ ଦିନ ହେବ ଅଚଳ ହୋଇ ପଡ଼ିରହିଛି। ଅବଶିଷ୍ଟ ଗୋଟିଏ ନଳକୂପରୁ ଯେଉଁ ପାଣି ବାହାରୁଛି, ସେଥିରେ ଅତ୍ୟଧିକ ପରିମାଣରେ ଆଇରନ ମିଶି ରହୁଛି। ବାଧ ହୋଇ ଗ୍ରାମବାସୀ ଏହି ଦୂଷିତ ଆଇରନ ଯୁକ୍ତ ପାଣି ପିଉଛନ୍ତି, ଯାହାଫଳରେ ଗ୍ରାମର ଅନେକ ଲୋକ ବିଭିନ୍ନ ପ୍ରକାରର ରୋଗରେ ପୀଡ଼ିତ ହେଉଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ଜେହାଦ ଓ ପ୍ରଶାସନର ପ୍ରତିଶ୍ରୁତି ପାନୀୟ ଜଳର ସମସ୍ୟାକୁ ନେଇ ଗ୍ରାମର ଗୁରୁଭା ଟୁଡୁ, ବାସୁଦେବ ସୋରେନ, ଗୌତମ ସୋରେନ, ବିକ୍ରମ ମୁର୍ମୁ, ଗୋବିନ୍ଦ ମୁର୍ମୁ, ସାଉନା ମାରାଣ୍ଡି, ରୁବି ଟୁଡୁ ଏବଂ ଫଗୁରାମ୍ ସୋରେନଙ୍କ ସମେତ ବହୁ ସଂଖ୍ୟାରେ ଗ୍ରାମବାସୀ ଏକତ୍ରିତ ହୋଇ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ଏହି ଗମ୍ଭୀର ସମସ୍ୟା ସମ୍ପର୍କରେ ପାନୀୟ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ପଙ୍କଜ ତ୍ରିପାଠୀଙ୍କୁ ପଚାରିବାରୁ ସେ ଗ୍ରାମବାସୀଙ୍କୁ ଆଶ୍ୱାସନା ଦେଇଛନ୍ତି। ସେ କହିଛନ୍ତି ଯେ, ଅତି ଶୀଘ୍ର ଗ୍ରାମରେ ଥିବା ତିନୋଟି ଅଚଳ ନଳକୂପର ମରାମତି କରାଯିବ ଏବଂ ଏହା ସହିତ ଗ୍ରାମରେ ଏକ ସ୍ଥାୟୀ ପାନୀୟ ଜଳ ଟାଙ୍କି ନିର୍ମାଣ ପାଇଁ ତୁରନ୍ତ ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ। କନିଷ୍ଠ ଯନ୍ତ୍ରୀଙ୍କ ଏହି ପ୍ରତିଶ୍ରୁତି ପରେ ଗ୍ରାମବାସୀଙ୍କ ମଧରେ ସମସ୍ୟାର ସମାଧାନ ନେଇ ଆଶା ସଞ୍ଚାର ହୋଇଛି।

# ବିଧବାଙ୍କୁ ହତ୍ୟା ମାମଲା: ୪୮ ଘଣ୍ଟା ପରେ ମଧ ପୋଲିସ ହାତ ଖାଲି

ବୈଶିଙ୍ଗା , ୨୨/୫ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ଗଡ଼ଦେଉଳିଆ ପଞ୍ଚାୟତର ବାଳିଆପିଟା ଗ୍ରାମର ଜନୈକା ବିଧବା ମହିଳା ଙ୍କୁ ବୁଧବାର ରାତିରେ କେହି ଦୁର୍ବୃତ ହତ୍ୟା କରିବାର ୪୮ ଘଣ୍ଟା ବିତିଯାଇଥିଲେ ମଧ ପୋଲିସ ହତ୍ୟାକାରୀ ଙ୍କର ସୁରାକ ପାଇ ପାରି ନାହିଁ । ସ୍ୱର୍ଗତ ରାଜୁ ସିଂ ଙ୍କ ବିଧବା ପତ୍ନୀ ୪ ଅନୀତା ଏକୁଟିଆ ଘରେ ରହୁଥିଲେ । ଏକ ମାତ୍ର ପୁତ୍ର ବୀରେନ୍ଦ୍ର ବାହାରେ ରୁହନ୍ତି । ଏହି ସୁଯୋଗ ରେ କୌଣସି ଅସାମାଜିକ ବ୍ୟକ୍ତି ବିଳମ୍ବିତ ରାତିରେ ଘରେ ପଶି ମୃତ ଅନୀତା ଙ୍କୁ ଦୁର୍ବ୍ୟବହାର କରିଥିବା ସନ୍ଦେହ କରାଯାଉଛି । ତେବେ ମହିଳାଙ୍କ ଗୋଡ ବନ୍ଧା ହେବା ସହିତ ଶରୀର ଉଲଗ୍ନ ଥିବାରୁ ଅନ୍ୟ କିଛି ଦୁଷ୍କର୍ମ କରାଯାଇଥିବା ସନ୍ଦେହ ଘେରକୁ ଆସିଥିଲା । ମାତ୍ର ଶବ ବ୍ୟବଚ୍ଛେଦ ପରେ ଦୁଷ୍କର୍ମ ହୋଇ ନଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି । ଏନେଇ ବୈଶିଙ୍ଗା ଆଇ ଆଇ ସି ବାରିଣି ଦାସ ଏବଂ ଏସ୍ ଡି ପି ଓ ମିନତୀ ବିଶ୍ୱାଳ ମିଳିତ ଭାବେ ତଦନ୍ତ ଚଳାଇଥିଲେ ମଧ ହତ୍ୟାକାରୀ ର ସୁରାକ ପାଇ ପାରି ନାହାନ୍ତି । ତେବେ ଖୁବ୍ ଶୀଘ୍ର ପାଇଯିବେ ବୋଲି ପ୍ରକାଶ କରିଛନ୍ତି ।




❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida